# Odisha Legislative Assembly

## ଦ୍ୱିତୀୟ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୦୯ ଡିସେମ୍ବର ୨୦୨୪

----

**[ମୁଖ୍ୟମନ୍ତ୍ରୀ - ସ୍ୱରାଷ୍ଟ୍ର - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ଅର୍ଥ - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ସଂସଦୀୟ ବ୍ୟାପାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ].**

**ମୋଟ ପ୍ରଶ୍ନର ସଂଖ୍ୟା - 203**

----

### ଓଡିଆ ଭାଷାରେ ସରକାରୀ କାର୍ଯ୍ୟ

**2260 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-ଓଡିଆ ଭାଷାରେ ସରକାରୀ କାର୍ଯ୍ୟ ଚଳାଇବା ପାଇଁ ରାଜ୍ୟ ସରକାର କେବେ ନିର୍ଦ୍ଦେଶନାମା ଜାରି କରିଥିଲେ ଓଏହା ପରଠାରୁ କେତୋଟି ସରକାରୀ ବିଭାଗରେ ଓଡିଆ ଭାଷାରେ ସମସ୍ତ ସରକାରୀ କାର୍ଯ୍ୟ ହେଉଛି, ଓଡିଆ ଭାଷାରେ ସରକାରୀ କାର୍ଯ୍ୟ ନକଲେ କୌଣସି ଦଣ୍ଡ ବିଧାନର ବ୍ୟବସ୍ଥା ଥିଲା କି, ଯଦି ହଁ, ତେବେ ଏହା କଣ ଥିଲା ଏବଂ କେତେଜଣ ଅଧିକାରୀଙ୍କ ବିରୁଦ୍ଧରେ ଏହା ଲାଗୁ ହୋଇଛି ?

----

### R.A Scheme ସଂଶୋଧନ

**2600 ଶ୍ରୀ ଦାଶରଥି ଗମାଙ୍ଗ (ମୋହନା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-ବର୍ତ୍ତମାନ ଶିକ୍ଷା ବିଭାଗରେ ବହୁ ପଦବୀ ଖାଲିଥିବା ସ୍ଥଳେ Rehabilitation Assistance Scheme Rule - 1990 କୁ ସଂଶୋଧନ କରି dtd.17.02.2020 ର Notification GAD - SC-RAS-0029 - 2014 - 5651/Gen. Govt. of Odisha ବଳରେ ଚାକିରୀ ଦେବାରେ ମାରଣ ନିତୀକୁ ଅବଲମ୍ବନ କରୁଥିବା ଫଳରେ ଏହାକୁ ପୁନର୍ବାର ସଂଶୋଧନ କରି ଚାକିରୀ ପାଇବା ବ୍ୟବସ୍ଥାରେ ସରଳୀକରଣ କରାଇବାକୁ ମାନ୍ୟବର ସରକାରଙ୍କ ନିକଟରେ ଦୃଢ ଦାବୀ ଉପସ୍ଥାପନ କରିବେ କି, ଉତ୍ତର ହଁ ହେଲେ କେବେ ସୁଦ୍ଧା ତାହା ପ୍ରଚଳନ ହେବ ?

----

## କାର୍ଯ୍ୟରତ ବାହ୍ୟ କର୍ମଚାରୀ

**2622 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାରଙ୍କ ପ୍ରାୟ ବିଭାଗ ଗୁଡିକରେ ନିୟୋଜିତ ବାହ୍ୟ କର୍ମଚାରୀ ଓ ସୁରକ୍ଷା କର୍ମଚାରୀ ନିୟୋଜିତ ଓ ସେମାନଙ୍କ ସଂସ୍ଥା ଦ୍ୱାରା ପ୍ରଦାନ Bill ବହୁ ଅର୍ଥ ଭୂତ କର୍ମଚାରୀଙ୍କ ନାମରେ Bill କରାଯାଇ ସରକାରୀ ତହବିଲରୁ ପ୍ରଦାନ କରାଯାଇଅଛି ; ଏହା ସତ୍ୟ କି ; ଯଦି ହଁ ତେବେ ସମସ୍ତ ବିଭାଗଗୁଡିକ ନିର୍ଦ୍ଦେଶ କରାଯାଉ ସେମାନେ ନିୟୋଜିତ କରିଥିବା ଉପରୋକ୍ତ କର୍ମଚାରୀଙ୍କ ଆଧାର ଲିଙ୍କ, ବ୍ୟାଙ୍କ ଆକାଉଣ୍ଟ ଲିଙ୍କ ସହିତ Bio-metric ଦ୍ୱାରା ଉପସ୍ଥାନ ନିଆଯିବାର ବ୍ୟବସ୍ଥାକୁ ବାଧ୍ୟତାମୂଳକ ସହିତ ଏହାକୁ ତତ୍ତ୍ୱାବଧନା ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା କରିବେ କି?

----

## ବାହ୍ୟ କର୍ମଚାରୀ କାର୍ଯ୍ୟ ନିମନ୍ତେ ଡକାଯାଉଥିବା ନିଲାମରେ ପକ୍ଷପାତିତା

**2623 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାରଙ୍କ ସମସ୍ତ ବିଭାଗରେ ବାହ୍ୟ କର୍ମ ନିଯୁକ୍ତି ଓ ସୁରକ୍ଷା କାର୍ଯ୍ୟ ନିମନ୍ତେ ଡକାଯାଉଥିବା ନିଲାମରେ ପକ୍ଷପାତିତା ହେବାର ସାଧାରଣରେ ଆଲୋଚନା ହୁଏ ; ତାର କାରଣ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିଲାମ ଡାକର ବୈଷୟିକ ଫର୍ଦ୍ଦ ଓ ଆର୍ଥିକ ଡାକ ଫର୍ଦ୍ଦ ପ୍ରସ୍ତୁତ କରାଯାଇଥାଏ, ଯାହା କେତୋଟି ସଂସ୍ଥାକୁ ସୁହାଇବା ଭଳି ପ୍ରସ୍ତୁତ ହେଉଅଛି ; ଯଦି ହଁ ତେବେ ଏକକ ନିଲାମ ନିୟମ ପ୍ରସ୍ତୁତ କରାଯାଉ Gem ଦ୍ୱାରା ନିଲାମ ଆହ୍ୱାନ ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯିବ କି ; ଯାହା ଦ୍ୱାରା ସରକାରଙ୍କ ଦ୍ୱାରା ଏକ ସ୍ୱଚ୍ଛ ଓ ନିରପେକ୍ଷ ନିୟମ ପ୍ରକ୍ରିୟା କରାଯାଇ ସମସ୍ତ ସଂସ୍ଥାଙ୍କୁ ସୁଯୋଗ ମିଳିପାରିବ?

----

## ମାସିକ ସମ୍ମାନ ଭତ୍ତା ପ୍ରଦାନ

**2624 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଗତ ଜରୁରୀକାଳୀନ ପରିସ୍ଥିତି ସମୟରେ MISA ଓ DIR ଆଇନ ବଳରେ ଗିରଫ ହୋଇଥିବା ରାଜନୈତିକ ଆନ୍ଦୋଳନକାରୀମାନଙ୍କୁ ମାସିକ ସମ୍ମାନ ଭତ୍ତା ଦେବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣା କେବେଠାରୁ କାର୍ଯ୍ୟକାରୀ ହେବ; ବର୍ତ୍ତମାନ ରାଜ୍ୟରେ କେତେଜଣ ଏପରି ବନ୍ଦୀ ଜୀବିତ ଅଛନ୍ତି ତାର ଏକ ତାଲିକା ସରକାର ଦେବେ କି; ଏହି ଭତ୍ତା ପ୍ରଦାନ କରିବା ପରିମାଣ ଓ ପଦ୍ଧତି ସମ୍ପର୍କରେ ବିସ୍ତୃତଭାବେ ଜଣାଇବେ କି?

----

## ମେରୁଦଣ୍ଡ ଚିକିତ୍ସାଳୟର ଆଧୁନିକୀକରଣ

2625 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଆଞ୍ଚଳିକ ମେରୁଦଣ୍ଡ ଚିକିତ୍ସା କେନ୍ଦ୍ରର ଆଧୁନିକୀକରଣ ଓ ସଂପ୍ରସାରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ଓ ଏଠାରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀଙ୍କୁ ସପ୍ତମ ବେତନ ଆୟୋଗ ସୁପାରିଶ ଆଧାରରେ ବେତନ ପ୍ରଦାନ ପାଇଁ ବ୍ୟବସ୍ଥା କରିବେ କି?

----

## ରାଜ୍ୟ ଋଣ ଭାର

2626 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ତା-10.06.2024 ରୁ ତା.31.10.2024 ରିଖ ମଧ୍ୟରେ ସରକାର କେତେ ଋଣ କରିଛନ୍ତି ଓ କେତେ ସୁଧ ପରିଶୋଧ କରିଛନ୍ତି ପ୍ରକାଶ କରି ବିଳାସମୟ ଖର୍ଚ୍ଚ ପରିହାର କରି ରାଜ୍ୟର ଋଣଭାର ହ୍ରାସ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଅଛି?

----

## ESMA ଭଳି କଠୋର ଆଇନ ପ୍ରଣୟନ

2627 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

2628 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- MCLର ଭୁବନେଶ୍ୱରୀ ଖଣିଦ୍ୱାରା ଅଧିକୃତ ହେଁସମ୍ୱଳ ଗ୍ରାମ ପଞ୍ଚାୟତରେ ସମସ୍ତ ଗ୍ରାମର ବେକାର ଯୁବକ/ଯୁବତୀମାନେ ସେଠାରେ ନିର୍ମାଣ ହେଉଥିବା SILO ପ୍ରକଳ୍ପରେ ଠିକା ଶ୍ରମିକ ଭାବେ ନିଯୁକ୍ତି ଦାବୀ କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିବା ବେଳେ ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ପ୍ରଶାସନ ଦ୍ୱାରା କୌଣସି ଆଲୋଚନା ମାଧ୍ୟମରେ ସମାଧାନ ନକରି ତା.15.11.2024 ରିଖ ଦିନ ପୋଲିସ ପ୍ରଶାସନ ଉକ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସହ 102 ଜଣ ଗ୍ରାମବାସୀଙ୍କୁ ଗିରଫ କରିଥିବା ବିଷୟରେ ସରକାର ଅବଗତ ଅଛନ୍ତି କି ; ଯଦି ହଁ ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ଏବଂ ଉକ୍ତ ଗ୍ରାମପଞ୍ଚାୟତର ବେକାର ଯୁବକ/ଯୁବତୀମାନଙ୍କୁ ଉକ୍ତ SILO ପ୍ରକଳ୍ପରେ ନିଯୁକ୍ତି ଦେବାର ବ୍ୟବସ୍ଥା କରିବେ କି?

----

## ଠିକା ଶ୍ରମିକମାନଙ୍କ ସୁରକ୍ଷା

2629 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର)ː**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ଗତ ତା.12.11.2024 ରିଖ ଦିନ MCLର ଲିଙ୍ଗରାଜ କୋଇଲା ଖଣିରେ ମାରଣାତ୍ମକ ଅସ୍ତ୍ର ଦ୍ୱାରା ଆତଙ୍କରାଜ ସୃଷ୍ଟି କରିଥିବା ଦୁର୍ବୃତ୍ତ ଏବଂ ସେଠାରେ ନିୟୋଜିତ ଠିକା ଶ୍ରମିକମାନେ ସୁରକ୍ଷା ଦାବୀ କରି ଭୟରେ କାର୍ଯ୍ୟରେ ଯୋଗ ଦେଉନଥିବା ବିଷୟରେ ସରକାର ଅବଗତ ଅଛନ୍ତି କି ; ଯଦି ହଁ ହୁଏ ତେବେ ଏ ଦିଗରେ ସରକାର କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଅଛନ୍ତି?

----

## ସଦସ୍ୟ ପଦ ପୂରଣ

2630 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ː**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

----

## ମଜୁରୀ ବୃଦ୍ଧି ପାଇଁ ପଦକ୍ଷେପ

2631 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ː**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ପରିଶ୍ରମ ଅନୁପାତରେ ମଜୁରୀ ବୃଦ୍ଧିର ସ୍ଥାଣୁତା, ମୁଦ୍ରାସ୍ଫିତି ଓ ଅସମାନତା ଯୋଗୁଁ ଖାଉଟିଙ୍କ ବ୍ୟୟ ଶକ୍ତି ହ୍ରାସ ପାଉଥିବା କଥା ସରକାର ଉପଲବ୍ଧ କରୁଛନ୍ତି କି ; ଦିନକୁ ଦିନ ମଧ୍ୟବିତ୍ତ ଶ୍ରେଣୀ ସଙ୍କୁଚିତ ହେଉଥିବା ବେଳେ କଳକାରଖାନାରେ ଉତ୍ପାଦନଶୀଳତା ପ୍ରଭାବିତ ହେଉଥିବାରୁ ସରକାର ଉନ୍ନତ ଅର୍ଥନୀତି ପ୍ରଚଳନ କରିବା ପାଇଁ ପଦକ୍ଷେପ ନେବେ କି?

----

## ନକଲି ଔଷଧ କାରବାର

2632 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ː**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସମୁଦାୟ କେତୋଟି ଆୟୁର୍ବେଦିକ ଓ କେତୋଟି ହୋମିଓପାଥିକ Medical College ଓ Dispensary କେଉଁ କେଉଁ ସ୍ଥାନରେ ଅଛି ; Ayurvedic ଓ Homeopathic ଡାକ୍ତରଙ୍କ ସଂଖ୍ୟା କେତେ କେତେ ଓ ଦୈନିକ ହାରାହାରି କେତେ ରୋଗୀ ଏହି ଡାକ୍ତରମାନଙ୍କ ଉପରେ ନିର୍ଭର କରିଥାନ୍ତି ; ଓଡିଶାରେ Ayurvedic ଓ Homeopathic Medicine କେଉଁଠି ତିଆରି ହୋଇଥାଏ ନା ଏହି ମେଡିସିନ୍ ସବୁ ଓଡିଶା ବାହାରର କମ୍ପାନୀମାନେ ଯୋଗାଇଥାନ୍ତି ; ନିମ୍ନମାନର, କି ନକଲି ମେଡିସିନ ଜାଣିବା ପାଇଁ ବାଟ କଣ ; ଏହାବାଦ୍ ରାଜ୍ୟରେ ଔଷଧର ମାନ ଯାଞ୍ଚ କରିବା ପାଇଁ ନକଲି ଔଷଧ କାରବାର ରୋକିବା ପାଇଁ ଭେଷଜ ନିୟନ୍ତ୍ରଣ ନିର୍ଦ୍ଦେଶାଳୟ କି କାମ କରୁଛି?

----

## ତଥ୍ୟ ପ୍ରଦାନ

2633 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ବାଲେଶ୍ୱର ମେଡିକାଲ DHHରେ କେତେ ଜଣ ରୋଗୀ ଦିନକୁ admission ହୁଅନ୍ତି, ଦିନକୁ କେତେ ଜଣ ରୋଗୀ SCB ବା ଅନ୍ୟତ୍ର Refer ହୁଅନ୍ତି, ବାଲେଶ୍ୱର ବଡ ଡାକ୍ତରଖାନାରେ ରେଫରାଲ ସଂଖ୍ୟା ବୃଦ୍ଧି ହେବାର କାରଣ କ'ଣ; ଉକ୍ତ ବ୍ୟବସ୍ଥାକୁ ସୁଧାରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବେ କହିବେ କି; (ଖ) ମେଡିକାଲରେ ରୋଗୀଙ୍କ attenderଙ୍କୁ ରୋଗୀର ରୋଗ ସମ୍ପର୍କୀୟ councilling କରିବା ପାଇଁ ନିୟମ ନାହିଁ, ଯଦି ନିୟମ ଅଛି ତେବେ ଏହା ପାଳନ ହେଉଛି କି, ଯଦି ହେଉନାହିଁ ତାହାର କାରଣ କ'ଣ, ଯଦି ହେଉଛି ତେବେ ଗତ ମାସ ଯେଉଁ ରୋଗୀଙ୍କ ସମ୍ପର୍କୀୟ ସହ councilling ହୋଇଛି ?

----

## ନୂତନ ଟ୍ରାଫିକ ପୋଷ୍ଟ ନିର୍ମାଣ

2634 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ସହରରେ କେତେ ଗୋଟି ଟ୍ରାଫିକ ପୋଷ୍ଟ ଅଛି, ସମସ୍ତ ପୋଷ୍ଟ କାର୍ଯ୍ୟକ୍ଷମ ନହେବାର କାରଣ କ'ଣ, ବାଲେଶ୍ୱର ସହରରେ ଟ୍ରାଫିକର ସୁବ୍ୟବସ୍ଥାକରଣ ପାଇଁ ସରକାର କ'ଣ ବିଶେଷ ପଦକ୍ଷେପମାନ ଗ୍ରହଣ କରୁଛନ୍ତି କହିବା ସହିତ କେଉଁ କେଉଁ ସ୍ଥାନରେ ନୂତନ ଟ୍ରାଫିକ ପୋଷ୍ଟ ନିର୍ମାଣ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି ?

----

## ରାଜ୍ୟ ଋଣ ଭାର

2635 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ୨୦୨୪ ମାର୍ଚ୍ଚ ସୁଦ୍ଧା ଓଡିଶାର ଋଣଭାର କେତେ ରହିଥିଲା ଏବଂ ଏହି ବର୍ଷ ଗୁଡିକରେ ଋଣ ବାବଦରେ କେତେ ଅର୍ଥ ମୂଳ ଓ ସୁଧ ପାଇଁ ପରିଶୋଧ କରାଯାଇଛି, ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ଓଡିଶାର ଋଣଭାର କେତେ ହେବ ବୋଲି ସରକାର ଆକଳନ କରିଛନ୍ତି, ରାଜ୍ୟର ଋଣ ଭାର କମାଇବାପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ମାମଲା ଫଇସଲା

**2636 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଷ୍ଟେଟ କ୍ରାଇମ ରେକର୍ଡ ବ୍ୟୁରୋର ସର୍ବଶେଷ ତଥ୍ୟ ମୁତାବକ ବର୍ଷକରେ ଓଡିଶାରେ କେଉଁ କିସମର କେତେ ଅପରାଧ ଘଟୁଛି ଏବଂ ଏଥିରୁ କେଉଁ କିସମର କେତେ ସଂଖ୍ୟକ ଅପରାଧ ବିଚାର ପାଇଁ ଆସୁଛି, ବିଚାର ପାଇଁ ଥିବା ଅପରାଧିକ ମାମଲାଗୁଡିକ ମଧ୍ୟରୁ ବର୍ଷକରେ କେତେ ସଂଖ୍ୟାରେ ଓ କେତେ ପ୍ରତିଶତ ଫଏସଲା ହେଉଛି ଏବଂ ସେଥିରୁ କେତେ ସଂଖ୍ୟକ ମାମଲାରେ ଓ କେତେ ପ୍ରତିଶତ ଦଣ୍ଡବିଧାନ ହେଉଛି ?

----

## ଗ୍ରାମ ରକ୍ଷୀ ପଦବୀ ପୂରଣ

**2637 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗ୍ରାମ ରକ୍ଷି ମାନଙ୍କର ପଦବୀ ସଂଖ୍ୟା କେତେ ରହିଅଛି, ସେଥିରୁ କେତେ ପଦବୀ ଖାଲି ରହିଅଛି ଏବଂ ସେମାନଙ୍କୁ ମାସିକ କେତେ ଦରମା ଦିଆଯାଉଛି, ରାଜ୍ୟର ଜନସଂଖ୍ୟା ତୁଳନାରେ ଏହି ପଦବୀ ବୃଦ୍ଧି କରାଯାଇଛି କି ନାହିଁ, ଯଦି ହୋଇନାହିଁ ତେବେ ଏହାକୁ କେବେ ବୃଦ୍ଧି କରାଯିବ ?

----

## Welness Centre ସମ୍ପର୍କରେ

**2638 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି Welness Centre କାର୍ଯ୍ୟ କରୁଅଛି ଏବଂ ସେଠାରେ କେଉଁ କେଉଁ ରୋଗ ପରିକ୍ଷଣ କରାଯାଉଅଛି ଏଥିରେ କେତେ ଡାକ୍ତରୀ ଓ କର୍ମଚାରୀ ପଦବୀ ରହିଅଛି, ତନ୍ମଧ୍ୟରୁ କେତୋଟି ପଦବୀ ଖାଲି ରହିଅଛି ଏବଂ କେତେ ଅର୍ଥ କେଉଁ head ରେ କେତେ ଅର୍ଥ ଖର୍ଚ୍ଚ କରାଯାଉଅଛି ?

----

## SES ଆଦାୟ

**2639 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଭାରତ ସରକାର ରାଜ୍ୟରୁ କେଉଁ କେଉଁ ଯୋଜନା ମାଧ୍ୟମରେ SES ଆଦାୟ କରୁଛନ୍ତି, ବିଗତ 5 ବର୍ଷ ମଧ୍ୟରେ କେତେ SES ଆଦାୟ କରିଥିବା ବେଳେ ରାଜ୍ୟର ଅଂଶଧନ ବାବଦକୁ କେତେ ଅର୍ଥ ମିଳିଅଛି ?

----

## OSWAS ସଂସ୍ଥା ସମ୍ପର୍କରେ

**2640 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ସଚିବାଳୟରେ ତଥା ବିଭିନ୍ନ ଜିଲ୍ଲା ଦପ୍ତରରେ Online ରେ OSWAS ମାଧ୍ୟମରେ (Odisha State Work Flow Automation System ) File କାର୍ଯ୍ୟ ହେଉଛି କି , ଏହାକୁ କେଉଁ ସଂସ୍ଥା Design ଓ Develop କରିଛି , ଏହି OSWAS System କୁ ଚାଲୁ ରଖିବା ପାଇଁ କେଉଁ ସଂସ୍ଥାକୁ ନିୟୋଜିତ କରାଯାଇଛି, ଏହି କାର୍ଯ୍ୟ କରିବା ପାଇଁ ଉକ୍ତ ସଂସ୍ଥା ବାର୍ଷିକ କେତେ ଟଙ୍କା ନେଉଛନ୍ତି ଓ ଏଥିପାଇଁ ସଂସ୍ଥା ତରଫରୁ କେତେ କର୍ମଚାରୀ ନିୟୋଜିତ କରାଯାଇଛି ?

----

## ନର୍ସିଙ୍ଗ ହୋମ ନିର୍ମାଣ

**2641 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଥିବା ବେସରକାରୀ ଡାକ୍ତରଖାନା / ନର୍ସିଙ୍ଗ ହୋମ ( ଜିଲ୍ଲାୱାରୀ) କେତୋଟି ଅଛି; ଏହି ସବୁ ନର୍ସିଙ୍ଗ ହୋମ ନିର୍ମାଣ ପାଇଁ ସମ୍ପୃକ୍ତ Development Authority ମୁନିସିପାଲିଟି ଠାରୁ ପ୍ଲାନ ଅନୁମୋଦନ ନେଇଛନ୍ତି କି, ଏହା ଜଣାଇବା ସହ ସମ୍ପୃକ୍ତ ଡାକ୍ତରଖାନା / ନର୍ସିଙ୍ଗ ହୋମ ମାନେ Fire Safety ସାର୍ଟିଫିକେଟ ଉପଲବ୍ଧ କରିଛନ୍ତି କି , ଯଦି ନା ସାର୍ଟିଫିକେଟ ଉପଲବ୍ଧ କରି ନଥିବା ଡାକ୍ତରଖାନା/ନର୍ସିଙ୍ଗ ହୋମ ମାନଙ୍କ ବିରୁଦ୍ଧରେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Vacant posts of each police stations

**2642 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- a) The total number of vacancies in the police department within the Barabati-Cuttack constituency? b) A detailed list of the police stations in the constituency with the number of vacant posts at each station? What What steps are being taken to fill these vacancies and ensure adequate police personnel in the region?

----

## Violation of Book Circular-47

**2643 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) As per Rule 12 of Book Circular No. 47, which stipulates "Violation of the instructions of Book Circular No. 47 shall be viewed seriously and action as deemed proper shall be initiated against such erring Officer" what specific actions have been taken by the government in the last five years against such violations? (b) Govt. provide details of the cases identified, the officers against whom actions were initiated, and the nature of the penalties or corrective measures imposed?

----

## ମାଓବାଦୀ ନିରାକରଣ ନିମନ୍ତେ ବିଭିନ୍ନ ଯୋଜନା

2644 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମାଓବାଦୀ ସ୍ଥିତି କଣ, ଏହି ସମସ୍ୟା ରାଜ୍ୟରେ ହ୍ରାସ ପାଉଛି କି ଓ ଉତ୍ତର ଯଦି ହଁ ହୁଏ କେବେଠାରୁ ଏହା କମିବା ଆରମ୍ଭ ହୋଇଛି ଓ କେବେସୁଦ୍ଧା ଏ ସମସ୍ୟାର ଅବସାନ ଘଟିବ ବୋଲି ସରକାର ଆଶା କରୁଛନ୍ତି ଏବଂ ମାଓବାଦୀ ନିରାକରଣ ନିମନ୍ତେ ରାଜ୍ୟ ସରକାର କି ଯୋଜନା କରୁଛନ୍ତି, ରାଜ୍ୟରେ ମାଓ ହିଂସାକାଣ୍ଡ ଆରମ୍ଭ ହେବା ଠାରୁ ଏଯାଏଁ ମାଓବାଦୀଙ୍କ ଆକ୍ରମଣରେ କେତେ ସାଧାରଣ ଲୋକ, ପୋଲିସ ତଥା ସରକାରୀ କର୍ମଚାରୀ ମୃତ୍ୟୁବରଣ କଲେଣି ଓ ପୋଲିସ ସହ ମୁକାବିଲାରେ କେତେ ମାଓବାଦୀ ବା ନକ୍ସଲ ନିୟତି ହୋଇଛନ୍ତି ଏବଂ ଧରା ପଡିଛନ୍ତି ?

----

## SDH ଡାକ୍ତରଖାନାରେ କାର୍ଯ୍ୟରତ ବିଶେଷଜ୍ଞ ଡାକ୍ତର

2645 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ (SDH) 2014 ମସିହାରୁ କାର୍ଯ୍ୟ ଆରମ୍ଭ ହୋଇସାରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏଠାରେ ଆବଶ୍ୟକ ମୁତାବକ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ନହେବାର କାରଣ କଣ, ସରକାରଙ୍କ ନିୟମ ଅନୁଯାୟୀ SDH ଗୁଡିକରେ କେତେ ବିଶେଷଜ୍ଞ ଓ ଅନ୍ୟ ଡାକ୍ତର ରହିବା କଥା, ବର୍ତ୍ତମାନ ପଟାମୁଣ୍ଡାଇ SDH ରେ କେତେ ବିଶେଷଜ୍ଞ ଓ ଅନ୍ୟ ଡାକ୍ତର କାମ କରୁଛନ୍ତି, କେବେସୁଦ୍ଧା ଏଠାରେ ସମସ୍ତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇବେ ଓ ସାଧାରଣଙ୍କୁ ସେବା ଯୋଗାଇ ଦେବେ, SDH Pattamundai ର ଭିତ୍ତିଭୂମି ନିର୍ମାଣ ପାଇଁ ସରକାର କେତେ ଅର୍ଥ ମଂଜୁର କରିଅଛନ୍ତି ଓ ଏହାର ନିର୍ମାଣ କାର୍ଯ୍ୟ କେବେ ଶେଷ ହେବ?

----

## BSKY ଦ୍ୱାରା ରୋଗୀ ସେବା

2646 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାରେ BSKY କାର୍ଡ ପ୍ରଚଳନ ହେବା ଦିନଠାରୁ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ କେତେ ଲୋକଙ୍କୁ ଏହି କାର୍ଡ ଦେଇଛନ୍ତି ଓ ସେଥିପାଇଁ କେଉଁ ବର୍ଷ କେତେ ଆର୍ଥିକ ବ୍ୟବସ୍ଥା ଏହି କାର୍ଡରେ ସେବା ପାଇବାକୁ ବଜେଟ୍ ବ୍ୟବସ୍ଥା କରିଛନ୍ତି ବର୍ଷୱାରି ରିପୋର୍ଟ ପ୍ରଦାନ କରିବେକି, ସେହିଭଳି BSKY କାର୍ଡ ରେ ରାଜ୍ୟଭିତରେ ଓ ରାଜ୍ୟ ବାହାରେ ସେବା ଯୋଗାଇଦେବା ପାଇଁ କେଉଁ କେଉଁ ହସପିଟାଲଗୁଡିକ ସହ ଚୁକ୍ତିନାମା ହୋଇଛି ଓ ସର୍ବମୋଟ କେତୋଟି ହସପିଟାଲରେ ସେବା ଲୋକ ପାଉଛନ୍ତି, ଓଡିଶାର କେଉଁ ବର୍ଷ କେତେ ରୋଗୀ ଏହି କାର୍ଡରେ କେଉଁସବୁ ହସପିଟାଲରେ ଚିକିତ୍ସିତ ହୋଇଛନ୍ତି, କେତେ ଆରୋଗ୍ୟ ଲାଭ କରିଛନ୍ତି ଓ କେତେ ମୃତ୍ୟୁବରଣ କରିଛନ୍ତି, ବିଶେଷକରି Kidney, Cardiology, Heart, Paralysis, ସିକିଲସେନ, କ୍ୟାନସର ଓ ପୋଡାଜଳା, accident case କେତେ ପରିମାଣରେ ଲୋକ କେତେ କେଉଁ କେଉଁ ନାମିଦାମି ହସପିଟାଲରେ ଚିକିତ୍ସା ସୁବିଧା ପାଇଛନ୍ତି ଓ ସବୁଠୁ କେଉଁ ହସପିଟାଲରେ ବେଶି ଚିକିତ୍ସା ଦିଆଯାଇଛି?

----

## ଖଣି ଓ କୋଇଲା ଠାରୁ ରୟାଲଟି ଆଦାୟ

2647 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାରୁ ଗତ 5 ବର୍ଷରେ କେଉଁ କେଉଁ ବାବଦକୁ କେତେ ଅର୍ଥ ଖର୍ଚ୍ଚ ହୋଇନପାରି ପୁନର୍ବାର କେନ୍ଦ୍ରକୁ ଫେରିଯାଇଛି ତାର ବର୍ଷୱାରି ପ୍ରୋଜେକ୍ଟୱାରି ତାଲିକା ପ୍ରଦାନ କରିବା ସହ ସୁପ୍ରିମ କୋର୍ଟ ରାୟ ଅନୁସାରେ ଓଡିଶା ଆସନ୍ତା 12 ବର୍ଷରେ ବିନା ସୁଧରେ ବିଭିନ୍ନ ଶିଳ୍ପ ସଂସ୍ଥାକୁ ଖଣି ରାଜସ୍ୱ ବାବଦକୁ ଲକ୍ଷାଧିକ ଟଙ୍କା ପାଇବାର ସୁଯୋଗକୁ କେନ୍ଦ୍ରସରକାର କାହିଁକି ବିରୋଧ କରି ଶିଳ୍ପସଂସ୍ଥାମାନଙ୍କ ସପକ୍ଷରେ କୋର୍ଟରେ ଯୁକ୍ତି ବାଢୁଛନ୍ତି ଓ ଏବାବଦରେ ରାଜ୍ୟ ସରକାରଙ୍କ ମତ କଣ, ଖଣି ରୟାଲିଟି, କୋଇଲା ରୟାଲିଟି ବାବଦକୁ କେନ୍ଦ୍ର ସରକାର ବଢାଉ ନଥିବାରୁ ବିପୁଳ କ୍ଷତି ଓଡିଶାର ଘଟୁଛି ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚୟ ପାଇଥିବା ଓଡିଶାର ରାଜ୍ୟ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ନଦେବାର କାରଣ କଣ, ବିହାର ଓ ଆନ୍ଧ୍ରକୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦେଲେ ଓଡିଶାକୁ ହତାଦାର କାହିଁକି କଲେ?

----

## CBI, ED ଦ୍ୱାରା ମାମଲାର ସ୍ଥିତି

2648 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାର କେଉଁ କେଉଁ ମାମଲାର ତଦନ୍ତ, FBI, CBI, ED ଭଳି କେନ୍ଦ୍ରୀୟ ଓ ଆନ୍ତର୍ଜାତୀୟ ଏଜେନ୍ସି ମାନ କରୁଛନ୍ତି, ମାମଲାର ନାଁ କହିବା ସହ କେବେଠାରୁ କେଉଁ କେଉଁ ଏଜେନ୍ସି ତଦନ୍ତ ଆରମ୍ଭ କଲେଣି ଓ ମାମଲାଗୁଡିକର ସ୍ଥିତି, ତଦନ୍ତର ଗତି କିପରି ଅଛି, ସେହିଭଳି ରାଜ୍ୟ Crime Branch, Police ହେଉ ବା ଅନ୍ୟ Inquiry Agency(Odisha) ର କେଉଁ କେଉଁ ମାମଲାର ତଦନ୍ତ କରିଛନ୍ତି, ଗତ 10 ବର୍ଷର ହିସାବ ଦେବା ସହ କେନ୍ଦ୍ରୀୟ ତଦନ୍ତ ସଂସ୍ଥାର କାର୍ଯ୍ୟଧାରା ଉପରେ ରାଜ୍ୟ ସରକାରଙ୍କର ମତ କଣ, ସେହିଭଳି ରାଜ୍ୟର କେଉଁ କେଉଁ ନେତା ଓ ଅଫିସରମାନଙ୍କୁ Z+ Category ଓ Y+ Category ସୁରକ୍ଷା ଯୋଗାଇ ଦିଆଯାଉଛି ?

----

## ମେଡିକାଲ କଲେଜରେ ଖାଲିଥିବା ପଦବୀ ପୂରଣ

2649 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେଉଁ କେଉଁ ମେଡିକାଲ କଲେଜ ଓ ହସ୍ପିଟାଲମାନଙ୍କରେ ମଂଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ଶିକ୍ଷକ ଓଅଣଶିକ୍ଷକ ପଦବୀ ମଧ୍ୟରୁ କେଉଁ କେଉଁ ବର୍ଗର କେତେ କେଉଁ ବିଭାଗର ପଦବୀ କେବେଠାରୁ ଖାଲିଅଛି, ଖାଲିଥିବା ପଦବୀ ପୂରଣ ନିମନ୍ତେ ସରକାର 5 ମାସ ମଧ୍ୟରେ କି କି ପଦକ୍ଷେପ ଗ୍ରହଣ କରି କେତେ ପଦବୀ ପୁରଣ କରିଛନ୍ତି, କେଉଁ କେଉଁ ବିଭାଗର କେତେ ପଦବୀ ପୁରଣ ନିମନ୍ତେ ଓଡିଶା ସରକାର ଲୋକସେବା ଆୟୋଗକୁ କେବେ ଅନୁରୋଧ କରିଛନ୍ତି, କେବେସୁଦ୍ଧା କେଉଁ କଲେଜ କେଉଁ ବିଭାଗର କେଉଁ ବର୍ଗରେ କେତେ ପଦବୀ କେବେସୁଦ୍ଧା ପୁରଣ କରାଯିବାର ଅଛି ?

----

## ରୋଗୀ ସଯ୍ୟା ବୃଦ୍ଧି

2650 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ 10 ବର୍ଷ ମଧ୍ୟରେ କେଉଁ ବର୍ଷ କ୍ୟାନସର, ହୃଦରୋଗ, Diabetes ଓ Kidney ରୋଗରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା କେଉଁ ହାରରେ କେତେ ବୃଦ୍ଧି ପାଇଛି ତାର ବର୍ଷ ଓ ଜିଲ୍ଲାୱାରୀ ବିବିରଣୀ ଦେବେକି, ସଂପୃକ୍ତ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଗୁଣାତ୍ମକ ତଥା ଉତ୍ତମମାନର ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ସରକାର କେଉଁ କେଉଁ ବିଭାଗରେ କେତେ ଶଯ୍ୟାର ବ୍ୟବସ୍ଥା କରିଛନ୍ତି ଓ କେତେ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଇଛନ୍ତି, ତାର ଜିଲ୍ଲାୱାରୀ ବିବରଣୀ ଓ ବିଭାଗୱାରୀ ବିବରଣୀ ପ୍ରଦାନକରିବେକି, ଉପରୋକ୍ତ ରୋଗରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ରୋଗୀମାନେ ସରକାର ହସପିଟାଲରେ ଶଯ୍ୟା ନଥିବା କାରଣରୁ ଘରୋଇ ହସପିଟାଲ ମୁହାଁ ହୋଇ ଖର୍ଚ୍ଚାନ୍ତ ହେଉଥିବାରୁ ନିରାକାରଣ ନିମନ୍ତେ ସରକାରଙ୍କ road map କଣ କହିବେ କି?

----

## ନର୍ସିଂହୋମ ଗୁଡ଼ିକର ସ୍ୱାସ୍ଥ୍ୟ ସେବା

2651 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ବିଭିନ୍ନ ଜିଲ୍ଲା ବିଶେଷ କରି ବାଲେଶ୍ୱର ଜିଲ୍ଲାରେ ଥିବା ନର୍ସିଂ ହୋମ ଗୁଡ଼ିକରେ ସ୍ୱାସ୍ଥ୍ୟ ସେବାର ମାନ କିଭଳି ନିର୍ଦ୍ଧାରଣ କରାଯାଇଛି ; କେଉଁ ଆଧାରରେ ନର୍ସିଂ ହୋମ ଗୁଡ଼ିକୁ ସ୍ୱାସ୍ଥ୍ୟ ସେବା ପାଇଁ ଅନୁମତି ଦିଆଯାଉଛି ; ସ୍ୱାସ୍ଥ୍ୟ ସେବା ପ୍ରଦାନ ବେଳେ ଅନେକ ସ୍ଥାନରେ ଅନିୟମିତତା ହେଉଥିବା ସରକାରଙ୍କ ନଜରକୁ ଆସିଛି କି ; ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ରାଜ୍ୟର ଋଣ ଭାର

2652 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ଋଣ ଭାର ୨୦୧୦ ମସିହା ବେଳକୁ କେତେ ଥିଲା ;୨୦୨୦ ମସିହା ବେଳକୁ ଋଣର ପରିମାଣ କେତେ ରହିଥିଲା ଏବଂ ୨୦୨୪ ମସିହା ମାର୍ଚ୍ଚ ମାସ ସୁଦ୍ଧା ଓଡ଼ିଶାର ଋଣଭାର କେତେ ରହିଛି ?

----

## କେନ୍ଦ୍ରୀୟ ଯୋଜନାରେ ଅର୍ଥ ପ୍ରଦାନ ଓ ଖର୍ଚ୍ଚ

2653 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) କେନ୍ଦ୍ର ସରକାର ରାଜ୍ୟକୁ କେଉଁ କେଉଁ କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ କେତେ କେତେ ଟଙ୍କା ଗତ ୨୦୨୩ -୨୪ ଓ ଚଳିତ ୨୪ -୨୫ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଦେଇଅଛନ୍ତି ; (ଖ) ଏହି ଟଙ୍କା ମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ କେତେ ପରିମାଣରେ ଖର୍ଚ୍ଚ ହୋଇଛି ତାର ଯୋଜନାୱାରୀ ବିବରଣୀ ଦେବେ କି ?

----

## ଡ଼ି.ଏସ.ପି. ପଦବୀକୁ ପଦୋନ୍ନତି

2654 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ କର୍ମରତ ପୋଲିସ ଇନ୍ସପେକ୍ଟର ମାନଙ୍କର ଡ଼ିଏସପି ପଦବୀକୁ ପଦୋନ୍ନତି ନିମନ୍ତେ ଇନ୍ସପେକ୍ଟର ପଦବୀରେ କାର୍ଯ୍ୟକାଳ ୫ ବର୍ଷକୁ ହ୍ରାସ କରିବା ପାଇଁ ସରକାର ବିଚାର କରିବେ କି ; (ଖ) ସରକାର ୭ ବର୍ଷକୁ ହ୍ରାସ କରିଥିବା ସିଦ୍ଧାନ୍ତ ଅନୁସାରେ ଡ଼ିଏସପି ପଦବୀକୁ ପଦୋନ୍ନତି ପାଇଁ କେତେ ଜଣ ଯୋଗ୍ୟ ବିବେଚିତ ହୋଇପାରିବେ ?

----

## ଡ଼ାକ୍ତର ନଥିବା ବିଭାଗର ଡ଼ାକ୍ତର ନିଯୁକ୍ତି

2655 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ସ୍ଥିତ ଫକୀର ମୋହନ ମେଡ଼ିକାଲ କଲେଜରେ କେଉଁ ବିଭାଗମାନ ଖୋଲାଯାଇ ବର୍ତ୍ତମାନ ରୋଗୀମାନଙ୍କର ଚିକିତ୍ସାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି, ସବୁ ବିଭାଗରେ ବିଶେଷଜ୍ଞ ଡ଼ାକ୍ତର / ସହକାରୀ ପ୍ରଫେସର/ ପ୍ରଫେସର ନିଯୁକ୍ତି ପାଇଛନ୍ତି କି, କେଉଁ ବିଭାଗରେ ନାହାନ୍ତି, ଅବିଳମ୍ବେ ସେହିପରି ଡ଼ାକ୍ତରଙ୍କ ନିଯୁକ୍ତି ସକାଶେ ସରକାର କ'ଣ ପଦକ୍ଷେପ ଗ୍ରହଣ କରିବେ ?

----

## ରାଜ୍ୟରେ ଥିବା ସାମୁଦ୍ରିକ ଥାନା

2656 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସାମୁଦ୍ରିକ ଥାନା ସଂଖ୍ୟା କେତେ , କେଉଁ ଜିଲ୍ଲାର କେଉଁଠାରେ ଅବସ୍ଥିତ ଏହାର ତାଲିକା ଉପସ୍ଥାପନ କରିବେ କି ; ପ୍ରତ୍ୟେକ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି ପାଇଛନ୍ତି କି ; ବାହ୍ୟ ଶତ୍ରୁକୁ ସମୁଦ୍ର ପଥରେ ମୁକାବିଲା କରିବା ସକାଶେ କେଉଁ ପ୍ରକାର ଅସ୍ତ୍ରଶସ୍ତ୍ରରେ ସେମାନଙ୍କୁ ସୁସଜ୍ଜିତ କରାଯାଇଛି ଓ ଆଉ କ'ଣ କ'ଣ ଆବଶ୍ୟକ ?

----

## ନୂତନ ଫାଣ୍ଡି ଓ ଫାଣ୍ଡିକୁ ଥାନାରେ ପରିଣତ

2657 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବହୁତ ଗୁଡ଼ିଏ ଛୋଟ ଛୋଟ ଗାଁ ଗୁଡ଼ିକ ଆୟତନ ଦୃଷ୍ଟିରୁ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ମହକୁମାଠାରୁ ପ୍ରାୟ ୩୦ ରୁ ୮୦ କ.ମି. ରାସ୍ତା ସହ ଦୁର୍ଗମ ଜଙ୍ଗଲ ପାହାଡ଼ିଆ ଅଣଓସାରିଆ ରାସ୍ତାଥିବା ସରକାର ଅବଗତ ଅଛନ୍ତି କି ; ଯଦି ହଁ ଏହିସବୁ ଏରିଆରେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଏବଂ ଆଇନ ଶୃଙ୍ଖଳା ରକ୍ଷାଲାଗି କେତୋଟି ସ୍ଥାନରେ ନୂତନ ଫାଣ୍ଡି ଓ ଫାଣ୍ଡିଗୁଡ଼ିକ ଥାନାରେ ପରିଣତ କରିବାକୁ ପ୍ରସ୍ତାବ ରଖିଛନ୍ତି କେତୋଟି ପ୍ରସ୍ତାବକୁ ସରକାର ମଞ୍ଜୁର କରିଛନ୍ତି ଓ ସେଗୁଡ଼ିକ କେବେସୁଦ୍ଧା ସମ୍ପୂର୍ଣ୍ଣ ହେବ ?

----

## ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଡ଼ାକ୍ତରଖାନାର ମରାମତି

2658 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ Chitrakonda SDH ଓ Mathili SDH ରେ କର୍ମଚାରୀମାନଙ୍କ ପାଇଁ ଆବଶ୍ୟକ ଗୃହ ନଥିବାରୁ କର୍ମଚାରୀମାନେ ବହୁତ ଅସୁବିଧା ଭୋଗୁଛନ୍ତି ଫଳରେ ଦୂରରେ କର୍ମଚାରୀମାନେ ରହିବାକୁ ବାଧ୍ୟ ହୋଇଛନ୍ତି ସରକାର କର୍ମଚାରୀମାନଙ୍କ ପାଇଁ ଉପଯୁକ୍ତ ସରକାରୀ ବାସଭବନ କେବେ ସୁଦ୍ଧା ନିର୍ମାଣ କରିବେ ; ସବଡ଼ିଭିଜନ ମେଡ଼ିକାଲ ଗୁଡ଼ିକର ଅବସ୍ଥା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଉକ୍ତ ବିଲଡ଼ିଂ ଗୁଡ଼ିକ ମରାମତି କେବେ ସୁଦ୍ଧା କରିବେ; ଜରୁରୀକାଳୀନ ମେଡ଼ିକାଲ ସେବା ସହ ଅପରେସନ ପାଇଁ ବିଦ୍ୟୁତ କାଟ ସମୟରେ ଜେନେରେଟରର ସୁବିଧା କେବେ ସୁଦ୍ଧା କରିବେ ?

----

## ଖାଲି ବିଶେଷଜ୍ଞ ପଦବୀ ପୂରଣ

2659 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିତ୍ରକୋଣ୍ଡା ଉପଖଣ୍ଡ ଓ ମାଥିଲୀ ଉପଖଣ୍ଡ ଚିକିତ୍ସାଳୟ ଭୌଗଳିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଉକ୍ତ ଉପଖଣ୍ଡ ଗୁଡ଼ିକ ଉପରେ ପ୍ରାୟ ମାଲକାନଗିରୀର ରୋଗୀମାନେ ନିର୍ଭର କରୁଛନ୍ତି, ଏଣୁ ରୋଗୀମାନଙ୍କର ସେବା ପାଇଁ ଖାଲିଥିବା ବିଶେଷଜ୍ଞ, ଡ଼ାକ୍ତର, ପାରାମେଡ଼ିକାଲ ଷ୍ଟାଫ ସହ ଆବଶ୍ୟକ ଯନ୍ତ୍ରପାତିର ପୂରଣ କରି ଚିକିତ୍ସାଳୟକୁ Multi Speciality Hospital କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ କି ?

----

## Patrolling ପାଇଁ ପଦକ୍ଷେପ

**2660 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ଥାନା ଅଧିନରେ ଥିବା ଗ୍ରାମ ପଞ୍ଚାୟତ ଗୁଡିକର ଦୈନନ୍ଦିନ ବିଭିନ୍ନ ମନ୍ଦିର ଶିକ୍ଷାନୁଷ୍ଠାନ ଓ ରାତିରେ ଡକାୟତି ହେଉଥିବା ସଂକ୍ରାନ୍ତରେ ବାରମ୍ବାର ଥାନାରେ ଅଭିଯୋଗ ହେବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ଜନ ଅସନ୍ତୋଷ ତିବ୍ରତର ହେଉଥିବା ଓ ଉକ୍ତ ଅଭିଯୋଗ ଅନୁସାରେ ତୁରନ୍ତ ରାତ୍ର Patrolling ପାଇଁ ପଦକ୍ଷେପ ନେବେ କି ?

----

## Medicine ବିଭାଗ ଡାକ୍ତର ନିଯୁକ୍ତି

**2661 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲାର ବିଭିନ୍ନ CHC, PHC ମାନଙ୍କରେ Medicine ବିଭାଗର ଡାକ୍ତରଙ୍କ ଅଭାବ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ହଁ ତେବେ ସାଧାରଣ ଲୋକ ସ୍ୱାସ୍ଥ୍ୟ ସେବା ପାଇବାରେ ବଞ୍ଚିତ ହେଉଛନ୍ତି, ଏଣୁ ସରକାର ଏଦିଗରେ ପଦକ୍ଷେପ ନେବେ କି ?

----

## ସ୍ୱାସ୍ଥ୍ୟସେବା ଯୋଗାଇବାକୁ ପଦକ୍ଷେପ

**2662 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ଏକ ବ୍ୟବସାୟିକ କେନ୍ଦ୍ର ଓ ରେଳବାଇର ପ୍ରମୁଖ କାର୍ଯ୍ୟାଳୟ ହୋଇଥିବା, ଏଠାରେ ଆଇ.ଆଇ.ଟି., ନାଇଜର ଭଳି ସର୍ବଭାରତୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବାସହ ରାଜଧାନୀ ଭୁବନେଶ୍ୱର ପରିସୀମା ସମୟକ୍ରମେ ପରିବ୍ୟାପ୍ତ ହୋଇ ଜଟଣୀକୁ ଲାଗିଯିବା ଯୋଗୁଁ ଏଠାରେ ଜନସଂଖ୍ୟା ବୃଦ୍ଧି ପରିପ୍ରେକ୍ଷୀରେ ସେମାନେ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ହେଉଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଧୁନିକୀକରଣ ଓ ସମ୍ପ୍ରସାରଣ କରି ଏଠାରେ ଦିବାରାତ୍ର ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦେବାକୁ ପର୍ଯ୍ୟାପ୍ତ ପରିମାଣର ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିୟୋଜନ କରି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ସୁବିଧା ପ୍ରଦାନ

**2663 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଓ ଜଟଣୀ ବ୍ଲକ ଅଧୀନରେ କେଉଁ କେଉଁ ଆଇ.ଟି. କମ୍ପାନୀ ପ୍ରତିଷ୍ଠା ହୋଇଛି, ସେଥିପାଇଁ କେଉଁ କମ୍ପାନୀକୁ ସରକାର କେତେ ମୂଲ୍ୟରେ କେତେ ଜମି ପ୍ରଦାନ କରିଛନ୍ତି ଓ ଏହି କମ୍ପାନୀମାନେ କେତେଜଣଙ୍କୁ ନିୟୋଜିତ କରିଥିବା ବେଳେ ଜଟଣୀ ବ୍ଲକ ଭୁବନେଶ୍ୱର ବ୍ଲକରୁ କେତେଜଣଙ୍କୁ ନିଯୁକ୍ତି ସୁବିଧା ଯୋଗାଇ ଦେଇଛନ୍ତି ତାହାର ତାଲିକା ଦର୍ଶାଇ ସ୍ଥାନୀୟ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ସୁବିଧା ଯୋଗାଇ ଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଲୋକଙ୍କୁ ନିରାପତ୍ତା ପ୍ରଦାନ

2664 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କମିଶନରେଟ୍ ପୋଲିସ୍ ଭୁବନେଶ୍ୱରରେ ବିଗତ ତିନି ବର୍ଷରେ କେଉଁ ଥାନା ଅଞ୍ଚଳରେ କେତେଗୋଟି ଅପରାଧ ସଂଗଠିତ ହୋଇଥିବା ସମ୍ପର୍କରେ ଥାନାରେ ରିପୋର୍ଟ ହୋଇଥିବା ବେଳେ କେତେଜଣ ଅପରାଧି ଗିରଫ ହୋଇଛନ୍ତି, କମିଶନରେଟ୍ ପୋଲିସ୍ ଭୁବନେଶ୍ୱର ଅଞ୍ଚଳରେ ରାତ୍ରିକାଳୀନ ପେଟ୍ରୋଲିଂ କଡ଼ାକଡ଼ି କରି କରି ଲୋକଙ୍କୁ ନିରାପତ୍ତା ଯୋଗାଇ ଦେବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପୋଲାଭରମ ପ୍ରକଳ୍ପ ସମ୍ପର୍କରେ

2665 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

----

## Cybercrime reported in last two years

2666 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (a) The quantum of digital threats, cybercrime, cyber frauds, crypto frauds so far reported in last two years in the state and the detections and details status thereof, b) What are the follow up mechanism and modus operandi to deal with such threats to our citizens and the level of co-operation with social media sites to detect such frauds sought after, denied & accepted by the social media entities.

----

## ଡ଼ା଼କ୍ତର ଏବଂ ନର୍ସିଂ ପଦବୀ ପୂରଣ

2667 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାରେ ଥିବା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) , ଆଞ୍ଚଳିକ ସ୍ୱାସ୍ଥ୍ୟ କେନ୍ଦ୍ର(Area Hospital), ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) , ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ(SDH) ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (DHH) ରେ ମୋଟ ଡ଼ାକ୍ତର ଏବଂ ନର୍ସିଂ ପଦବୀ ସଂଖ୍ୟା କେତେ ଥିବା ବେଳେ ବର୍ତ୍ତମାନ କେତେ ଜଣ କାର୍ଯ୍ୟ କରୁଛନ୍ତି ଓ କେତେ ପଦବୀ ଫାଙ୍କା ରହିଛି ତାହାର ଡ଼ାକ୍ତରଖାନାୱାରୀ ଏବଂ ପଦବୀୱାରୀ ତଥ୍ୟ ଉପସ୍ଥାପନ କରିବେ କି, ଏବଂ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ପୂରଣ କରିବା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବେ କି;ଯଦି ହଁ, ତେବେ କେବେ ସୁଦ୍ଧା ପଦକ୍ଷେପ ଗ୍ରହଣ କରିବେ ?

----

## CCTV ସ୍ଥାପନ ପାଇଁ ପଦକ୍ଷେପ

**2668 ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାରେ କେଉଁ କେଉଁ ଥାନା ଓ ଫାଣ୍ଡିରେ CCTV ନାହିଁ କିମ୍ବା ଅଚଳ ହୋଇ ରହିଛି, ଏସବୁ ଥାନା କିମ୍ବା ଫାଣ୍ଡିରେ କେବେ ସୁଦ୍ଧା CCTVକାର୍ଯ୍ୟକ୍ଷମ ହେବ ?

----

## ପୋଲିସ୍ ବିଭାଗରେ ଆଧୁନିକୀକରଣ

**2669 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଶ୍ରୀକ୍ଷେତ୍ର ପୁରୀକୁ ଦୈନିକ ସମଗ୍ର ବିଶ୍ୱରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସୁଥିବାବେଳେ ଆଇନ ଶୃଙ୍ଖଳା ରକ୍ଷାପାଇଁ ପୁରୀ ସହର ସହ ପିପିଲି ନିମାପଡା, ସାକ୍ଷୀ ଗୋପାଳ, ବ୍ରହ୍ମଗିରି ଓ କାକଟପୁର ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପୋଲିସ ରେଞ୍ଜ ପ୍ରତିଷ୍ଠା ସହ ଏହାର ଦାୟିତ୍ୱରେ ଜଣେ ଆଇ.ଜି.ପାହ୍ୟାର ଅଧିକାରୀଙ୍କୁ ମୁତୟନ, ଏଠାରେ ପୋଲି ବ୍ୟବସ୍ଥାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସରକାରୀ ଜମା ରାଶି ରାଜ୍ୟ ସମବାୟ ବ୍ୟାଙ୍କରେ ଜମା ବ୍ୟବସ୍ଥା

**2670 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ କେଉଁ ସରକାରୀ ବିଭାଗ ଓ ସଂସ୍ଥାର କେତେ ପରିମାଣ ଜମା ରାଶି କେଉଁ ଘରୋଇ ବ୍ୟାଙ୍କରେ ଜମା ଅଛି ପ୍ରକାଶ କରି ସରକାରୀ ଜମା ରାଶି ରାଜ୍ୟ ସମବାୟ ବ୍ୟାଙ୍କ ଓ କେନ୍ଦ୍ର ସମବାୟ ବ୍ୟାଙ୍କରେ ଜମା କରିବାକୁ ବ୍ୟବସ୍ଥା କରିବେ କି ?

----

## ନୂତନ ଦମକଳ କେନ୍ଦ୍ର ପ୍ରତିଷ୍ଠା

**2671 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦୁଝର ଜିଲ୍ଲାର କେଉଁ ବ୍ଲକ ଓ କେଉଁ ସହରର କେଉଁଠାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ହୋଇଛି, ପ୍ରକାଶ କରି ଜିଲ୍ଲାର ଦୁର୍ଗମ ଅଞ୍ଚଳ ସହିତ ପ୍ରତ୍ୟେକ ଥାନାକୁ ୟୁନିଟ୍ ଭାବେ ଗ୍ରହଣ କରି ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

**ମେଡିକାଲ College ରେ ରୋଗୀସେବା ସମ୍ପାଦନ**

2672 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ମେଡ଼ିକାଲ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ମାର୍ଗଦର୍ଶିକା ଅନୁଯାୟୀ କେନ୍ଦୁଝରସ୍ଥିତ ଧରଣୀଧରଣ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ପାଇଁ କେଉଁ ବିଭାଗରେ କେଉଁ ବର୍ଗର କେତେ ଅଧ୍ୟାପକ ଓ କର୍ମଚାରୀ ପଦବୀ ଆବଶ୍ୟକ ଥିଲାବେଳେ ଅଦ୍ୟାବଧି କେଉଁ ପଦବୀରେ କେତେଜଣଙ୍କୁ ନିୟୋଜିତ କରାଯାଇଛି, ଅବଶିଷ୍ଟଙ୍କୁ ନିୟୋଜନ ପାଇଁ କି ପଦକ୍ଷେପ ନିଆଯାଉଅଛି, (ଖ) ଏଠାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନୟନ କରି ମେଡିକାଲ୍ କଲେଜରେ କେବେଠାରୁ ରୋଗୀସେବା ସମ୍ପାଦନ କରାଯିବ ?

----

**ମୋବାଇଲ ସେବାର ନୂତନ ଗ୍ରାହକ ଯୋଡିବା**

2673 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ)ଃ**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ମୋବାଇଲ ସେବାକୁ ବ୍ୟାପକ କରିବା ଲାଗି ସୁଯୋଗ ଥିଲେ ହେଁ ଏହାକୁ ନୂଆ ଗ୍ରାହକ ଯୋଡିବାରେ ଓଡିଶାର ପ୍ରଦର୍ଶନ ନୈରାଶ୍ୟଜନକ ଥିବାର ଖବର ସରକାରଙ୍କର ହସ୍ତଗତ ହୋଇଛି କି, (ଖ) ନୂଆ ଗ୍ରାହକ ଯୋଡିହେବା ପରିବର୍ତ୍ତେ ବହୁ ପୁରୁଣା ଗ୍ରାହକ ନେଟୱାର୍କରୁ ବାହାରିଯିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଏଥିରେ ଭାରତ ସଞ୍ଚାର ନିଗମ ଲିମିଟେଡ (BSNL) ୪୨, ୪୨୬ ମୋବାଇଲ ଗ୍ରାହକଙ୍କୁ ହରାଇଥିବା ସତ୍ୟ କି ?

----

**କାର୍ଯ୍ୟକ୍ଷମ ଥିବା Frequency**

2674 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା ପୋଲିସ ବେତାର ବିଭାଗରେ ଯୋଗାଯୋଗ ବ୍ୟବସ୍ଥା ସୁଧାରିବା ପାଇଁ ବିଭିନ୍ନ frequency ଓ ଲାଇସେନ୍ସ ର ବୈଧିକରଣ /ନବୀକରଣ ପାଇଁ spectrum ବାବଦକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ ଭୁଶୁଡ଼ି ପଡ଼ିଥିବା ସରକାର ଜାଣିଛନ୍ତି କି, ୨୦୧୮ ରୁ ଅଦ୍ୟାବଧି spectrum ବାବଦକୁ ପୈଠ କରାଯାଇଥିବା ରାଶିର ପରିମାଣ କେତେ ଏବଂ ଏହା କେବେ ଠାରୁ ବକେୟା ରହିଥିଲା/ରହିଛି, ଓଡ଼ିଶା ପୋଲିସ୍ ବେତାର ବିଭାଗକୁ କେତୋଟି frequency ପ୍ରଦାନ କରାଯାଇଛି ଓ କେତୋଟି କାର୍ଯ୍ୟକ୍ଷମ ଅଛି, ବିଭାଗ ଦାୟିତ୍ୱରେ ଦୁଇଜଣ ବରିଷ୍ଠ IPS ଥାଇ ମଧ୍ୟ spectrum ବାବଦରେ କୋଟି କୋଟି ଟଙ୍କା ପୈଠ କରି VHF, HE, Airmail ଓ Polnet communication, ଭୁଶୁଡ଼ି ପଡ଼ିଥିବା ଏବଂ କବଚ (government mail) ମାଧ୍ୟମରେ ବାର୍ତ୍ତା ଆଦାନ ପ୍ରଦାନ ସମ୍ପର୍କରେ ରାଜ୍ୟ ସରକାର ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ ନେବା ସହିତ ବିଭାଗରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଧାରିବା ପାଇଁ ଜଣେ ବୈଷୟିକ ଜ୍ଞାନ ସମ୍ପନ୍ନ ଅଧିକାରୀଙ୍କୁ ବିଭାଗରେ ଅବସ୍ଥାପିତ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଫକୀର ମୋହନ ମେଡିକାଲ କଲେଜରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ଖୋଲିବା

2675 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଫକୀର ମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ କାର୍ଡିଓଲୋଜି, ସ୍ନାୟୁବିଜ୍ଞାନ, ନେଫ୍ରୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଅଙ୍କୋଲୋଜି ଏବଂ ୟୁରୋଲୋଜି ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଏପର୍ଯ୍ୟନ୍ତ ଖୋଲାଯାଇ ନାହିଁ ଯେଉଁଥିପାଇଁ ଉପରୋକ୍ତ ବିଭାଗ ସହ ଜଡିତ ବାଲେଶ୍ୱର ଜିଲ୍ଲାର ରୋଗୀମାନେ ଉପଯୁକ୍ତ ଚିକିତ୍ସା ତଥା ଡାକ୍ତରୀ ପରାମର୍ଶ ପାଇବାରେ ଅସମର୍ଥ ହୋଇ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ଉପରୋକ୍ତ ବିଭାଗ ଗୁଡ଼ିକୁ ଶୀଘ୍ର ଖୋଲିବା ନିମନ୍ତେ ସରକାର ଧ୍ୟାନ ଦେବେ କି, ଏଥିସହିତ ନିୟମିତ ଭାବରେ ବିଭାଗ ଖୋଲିବା ପର୍ଯ୍ୟନ୍ତ ଉପରୋକ୍ତ ବିଭାଗ ଗୁଡିକରେ ପ୍ରତି ସପ୍ତାହରେ ରାଜ୍ୟର ଅନ୍ୟ ମେଡିକାଲ କଲେଜରୁ ଡ଼ାକ୍ତର ଆଣି ରୋଗୀ ମାନଙ୍କୁ O.P.D ସେବା ଯୋଗାଇଦେବାର ବ୍ୟବସ୍ଥା କରିବେ କି ?

----

## ଖାଲିଥିବା ଡାକ୍ତର ଓ ନର୍ସ ପଦବୀ ପୂରଣ

2676 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲାର ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଡାକ୍ତର ଓ ନର୍ସ ପଦବୀ ମଧ୍ୟରୁ ଏକ ରିପୋର୍ଟ ଅନୁସାରେ ୩୬୬ ଡାକ୍ତର ଓ ୩୫୨ ଷ୍ଟାଫ୍ ନର୍ସ ପଦବୀ ଖାଲି ପଡ଼ିଛି ସେହିପରି ବହୁ ଫାର୍ମାସିଷ୍ଟ ଏବଂ ଏଏନ୍‌ଏମ୍ ପଦବୀ ଗୁଡ଼ିକ ବି ଖାଲି ପଡ଼ିଛି, ଦୈନିକ ପାଖାପାଖି ୫୦ ରୁ ଅଧିକ ରୋଗୀ ଜଟିଳ ରୋଗ ନିମନ୍ତେ କଟକ ଓ ଭୁବନେଶ୍ୱର କୁ ସ୍ଥାନାନ୍ତର ହେଉଛନ୍ତି ତେଣୁ ଏହି ପଦବୀ ଗୁଡ଼ିକ ପୂରଣ ପାଇଁ ସରକାର କଣ ବ୍ୟବସ୍ଥା ଗ୍ରହଣ କରୁଛନ୍ତି ?

----

## BSKY କାର୍ଡରେ Referal System କୁ ସରଳୀକରଣ କରିବା

**2677 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପ୍ରଚଳିତ ଥିବା BSKY/ ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡରେ ସ୍ଥିରୀକୃତ ହୋଇଥିବା Referal System ପାଇଁ ବହୁତ ସମୟରେ କାର୍ଡଧାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ତେଣୁ Referal System କୁ ସରଳୀକରଣ କରିବ ନିମନ୍ତେ ସରକାର କିଛି ନୂଆ ବ୍ୟବସ୍ଥା ଗ୍ରହଣ କରିବେ କି ?

----

## ବିଧାୟକମାନଙ୍କ ପାଇଁ ଏକ କାର୍ଯ୍ୟାଳୟ ଖୋଲିବା

**2678 ଶ୍ରୀ ମାଧବ ଧଡା (ସୋରୋ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ମାନେ ଲୋକମାନଙ୍କର ବିଭିନ୍ନ ସମସ୍ୟା ଶୁଣିବା, ସମାଧାନ ଓ ଆଲୋଚନା ଇତ୍ୟାଦି ପାଇଁ ଏକ କାର୍ଯ୍ୟାଳୟ ର ଆବଶ୍ୟକତା ଉପଲବ୍ଧ ହେଉଥିଲା ବେଳେ, ଏ ବିଷୟରେ ଆଲୋଚନା ସରକାରଙ୍କର ଆଭିମୁଖ୍ୟ ସ୍ୱଷ୍ଟ କରିବେ କି , ଏଥିପାଇଁ ନିର୍ଦ୍ଦିଷ୍ଟ ସରକାରୀ ଜାଗା ସହିତ ଅନୁଦାନ ବଜେଟରେ ସ୍ଥିରିକୃତ କରିବେ କି ?

----

## CHC ଓ PHC ରେ ଖାଲିଥିବା ଡାକ୍ତର ଓ କର୍ମଚାରୀ ପୂରଣ

**2679 ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) " ସ୍ୱାସ୍ଥ୍ୟ ପ୍ରତି ଅଧିକାର " ଭାରତୀୟ ସମ୍ବିଧାନର ଏକ ମୌଳିକ ଅଧିକାର ଥିବାରେ ପ୍ରତ୍ୟେକ ନାଗରିକ ପାଇଁ ଏହା କେତେ ଦୂର ସହାୟକ ଅଛି ; ସୋରୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୋରୋ ଓ ବାହାନଗା ବ୍ଲକର ତଥ୍ୟ ଦେବେ କି ; ସୋରୋ CHC ଗୋପାଳପୁର CHC ଓ ଅନନ୍ତପୁର CHC ଇତ୍ୟାଦିର ଡ଼ାକ୍ତର ଓ ଷ୍ଟାଫଙ୍କ ଅବସ୍ଥିତି ତଥା ସ୍ୱାସ୍ଥ୍ୟ ସେବା ବିଷୟରେ କହିବେ କି ?

(ଖ) ସୋରୋ ନିର୍ବାଚନ ମଣ୍ଡଳୀରେ ସୋରୋ ଓ ବାହାନଗା ବ୍ଲକର ବିଭିନ୍ନ CHC, P.H.C., P.H.C. ( New ) ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଡ଼ାକ୍ତର ଓ ଅନ୍ୟାନ୍ୟ ଷ୍ଟାଫ ଅଛନ୍ତି କି ଓ କେତେ ପଦବୀ ଶୂନ୍ୟ ଅଛି ; ସ୍ୱାସ୍ଥ୍ୟ ସେବା ସ୍ଥଳ ( ଡାକ୍ତରଖାନା ) ମାନଙ୍କର ମଞ୍ଜୁର ହୋଇଥିବା ଡାକ୍ତର ଓ ଅନ୍ୟ ଷ୍ଟାଫ ସଂଖ୍ୟା କେତେ ଏବଂ ସେଠାରେ ଶୂନ୍ୟସ୍ଥାନ କେବେ ପୂରଣ ହେବ ? ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେକି?

----

## ମାଣିଆ ବନ୍ଦ ହସ୍ତତନ୍ତ୍ର ଶାଢୀକୁ ନେଇ ଡାକ ଟିକଟ ପ୍ରଚଳନ

**2680 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମାଣିଆ ବନ୍ଧ ହସ୍ତତନ୍ତ ଶାଢ଼ୀ କୁ ନେଇ ଏକ ଡାକଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଡାକ୍ତରଙ୍କ ବଦଳୀ ନୀତି

2681 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ବିଭିନ୍ନ ମେଡ଼ିକାଲ ଗୁଡିକରେ କାର୍ଯ୍ୟରତ ଡାକ୍ତରମାନଙ୍କ ପାଇଁ ବଦଳିନୀତି କଣ ଅଛି ଏବଂ ସେମାନେ ଯେତେବେଳେ କୌଣସି ପ୍ରଶିକ୍ଷଣ ନିମନ୍ତେ ଯାଉଛନ୍ତି ସେତେବେଳେ ବିଭାଗ ପକ୍ଷରୁ ସେମାନଙ୍କ ପରିବର୍ତ୍ତେ ଡାକ୍ତରଙ୍କୁ ନିଯୁକ୍ତି ଦେଲାପରେ ସେମାନଙ୍କୁ ଟ୍ରେନିଂ ପାଇଁ ଯିବାର ଅନୁମତି ନିମନ୍ତେ ପଦକ୍ଷେପ ନେବେ କି ?

----

## Trauma Care Center ନିର୍ମାଣ

2682 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କେନ୍ଦ୍ର ସରକାରଙ୍କ ଠାରୁ ସୁନ୍ଦରଗଡ ଜିଲ୍ଲାର ସୁନ୍ଦରଗଡ ମ୍ୟୁନିସପାଲଟି ଅଞ୍ଚଳରେ ଏକ Trauma Center ର ନିର୍ମାଣ ପାଇଁ ଅନୁଦାନ ଆସିଛି କି, ଯଦି ହଁ ତେବେ ଏହା କେବେ ସୁଧା ଆରମ୍ଭ ହୋଇ ଚାଲୁ ହେବ ଏବଂ ଏଥି ପାଇଁ କେତେ ଅର୍ଥ ମଞ୍ଜୁର ହୋଇଅଛି, (ଖ) ସୁନ୍ଦରଗଡ ଜିଲ୍ଲାର ମ୍ୟୁନିସପାଲଟି ଅଞ୍ଚଳରେ ଗତ ସରକାରଙ୍କ ତରଫରୁ ସୁନ୍ଦରଗଡ ର ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗ ଜନସାଧାରଣଙ୍କ ପାଇଁ ଏକ Super Speciality Hospital ର ନିର୍ମାଣ ଯୋଜନା କରିଥିଲେ କି, ଯଦି ହଁ ତେବେ ଏହାର ସ୍ଥିତି କଣ ?

----

## ମହିଳା ଥାନା ପ୍ରତିଷ୍ଠା

2683 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତୋଟି ମହିଳା ଥାନା ଅଛି, ସେଥିମଧ୍ୟରୁ ସୁନ୍ଦରଗଡ ଜିଲ୍ଲାରେ କେତୋଟି ଅଛି ଏବଂ ଏଥି ସହିତ ସୁନ୍ଦରଗଡ Head Quarter ରେ କୌଣସି ମହିଳା ଥାନା ନଥିବା ସରକାର ଜାଣନ୍ତି କି, ଯଦି ହଁ ତେବେ ଅତୀତରେ ପ୍ରସ୍ତାବିତ ଥିବା ମହିଳା ଥାନାକୁ ସୁନ୍ଦରଗଡର ଆଦିବାସୀ ବହୁଳ ମହିଳା ମାନଙ୍କ ପାଇଁ କେବେ ସୁଧା ସ୍ଥାପନ କରିବେ ?

----

## ଗ୍ରାମରକ୍ଷୀ ମାନଙ୍କ ପାରିଶ୍ରମିକ ବୃଦ୍ଧି

2684 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର ବିଭିନ୍ନ ପୋଲିସ ଥାନା ଓ ଫାଣ୍ଡି ଗୁଡିକରେ କାର୍ଯ୍ୟରତ ଗ୍ରାମରକ୍ଷୀ ମାନଙ୍କୁ ମାସିକ କେତେ ଟଙ୍କା ପାରିଶ୍ରମିକ ବା ବେତନ ଆକାରେ ଦିଆଯାଉଛି ଓ ସେମାନଙ୍କୁ ଅଣ-କୁଶଳୀ, ଅର୍ଦ୍ଧ-କୁଶଳୀ ଶ୍ରମିକ ଶ୍ରେଣୀରେ କିମ୍ବା ଅନ୍ୟ କେଉଁ ବର୍ଗରେ ସାମିଲ କରାଯାଇ ସ୍ଥାୟୀ କିମ୍ବା ଚୁକ୍ତି ଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଇଛି, ତାହାର ସଂପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ କି, (ଖ) ଗ୍ରାମରକ୍ଷୀ ମାନଙ୍କୁ ବର୍ତ୍ତମାନ ଦିଆଯାଉଥିବା ମାସିକ ପାରିଶ୍ରମିକ ବା ବେତନ ଜଣେ ଅଣ-କୁଶଳୀ ଶ୍ରମିକ ଠାରୁ କମ୍ ଥିବା ସତ୍ୟ ଅଟେ କି, ଯଦି ହଁ, ତେବେ ସେମାନଙ୍କ କାର୍ଯ୍ୟଦକ୍ଷତା କୁ ଦୃଷ୍ଟିରେ ରଖି ତାଙ୍କ ମାସିକ ପାରିଶ୍ରମିକ ରେ ବୃଦ୍ଧି କରି ଏକ ସନ୍ତୋଷ ମୂଳକ ପାଉଣା ପ୍ରଦାନ କରିବାକୁ ବିଚାର କରିବେ କି ?

----

## ସଂକ୍ରମିକ ରୋଗ ନିରାକରଣ

2685 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଛତ୍ରପୁର ମଣ୍ଡଳୀରେ ଥିବା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ପୁରି ଜିଲ୍ଲାର କୃଷ୍ଣ ପ୍ରସାଦ ବ୍ଲକରୁ ଶହ ଶହ ରୋଗୀ ଆସି ଚିକିତ୍ସିତ ହେଉଛନ୍ତି, ହେଲେ ଏହି ହସ୍ପିଟାଲଟି ଜିଲ୍ଲା ସଦର ମହକୁମା ଚିକିତ୍ସା କେନ୍ଦ୍ର ରୁପେ ମାନ୍ୟତା ଦେବାର ବ୍ୟବସ୍ଥା ରହିଅଛି କି, ଯଦି ନାହିଁ ଏହାକୁ ବିଚାରକୁ ଯିବ କି, ସ୍ୱାସ୍ଥ୍ୟ କେନ୍ଦ୍ର ନିକଟବର୍ତ୍ତୀ ଅଞ୍ଚଳରେ ରାସାୟନିକ ସିଳ୍ପ, ଜାତୀୟ ରାଜପଥ, ଲୁଣିପାଣି, ଆଦ୍ରତା ବାୟୁ ମଣ୍ଡଳ, ବିଶୁଦ୍ଧ ଜଳାଶୟ ଆଦି କାରଣରୁ ଉପୁଜିଥିବା ସଂକ୍ରମିତ ରୋଗ ନିରାକରଣ ନିମନ୍ତେ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା ରହିଛି କି ?

----

## ଛତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ଅଭାବ

2686 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଛତ୍ରପୁର ନିର୍ବାଚନ ମଣ୍ଡଳୀର ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକତା ଥିବା କର୍ମଚାରୀଙ୍କ ଠାରୁ ଯଥେଷ୍ଟ କମ ସଂଖ୍ୟକ କର୍ମଚାରୀ ଅଛନ୍ତି, ଏହି ପଦବୀ ପୂରଣ କରିବା ପାଇଁ କୌଣସି ବ୍ୟବସ୍ଥା ଅଛି କି ?

----

## Steps taken to Improve Revenue Collection

2687 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- What is the current debt-to-GSDP ratio of Odisha and how has it changed over the last five years; The details of steps taken by the State Government to improve revenue Collection and reduce revenue deficit, Whether any assessment has been made regarding the impact of GST implementation on Odisha's revenue, and if so, the details thereof ?

----

## ମାଇକ୍ରୋ ଚିପ୍ କାରଖାନାର ସ୍ଥିତି

2688 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବହୁ ଚର୍ଚ୍ଚିତ ମାଇକ୍ରୋ ଚିପ୍ କାରଖାନା ଓଡିଶାରେ ନିର୍ମାଣ ହେବାକୁ ଆଲୋଚନା ହୋଇଥିଲା ବିଗତ ସରକାର ଏବଂ ବର୍ତ୍ତମାନର ସରକାର ଏବିଷୟରେ ଘୋଷଣା କରିଥିଲେ ଏହି ପ୍ରକଳ୍ପର ସ୍ଥିତି ବିଷୟରେ ସବିଶେଷ ବିବରଣି ଉଥାପନ କରିବେ କି ?

----

## SCB Medical ର ସଂପ୍ରସାରଣ

2689 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ପାଞ୍ଚ ବର୍ଷରେ ଡ.C.B. ମେଡିକାଲ କଲେଜର ସମ୍ପ୍ରସାରଣ ଏବଂ ନୂଆ ଭିତ୍ତିଭୂମି ନାର୍ମାଣ କାର୍ଯ୍ୟରେ କେତେ ଅର୍ଥ ବରାଦ କରାଯାଇଥିଲା ତତମଧ୍ୟରୁ କେତେ ପରିମାଣର ଅର୍ଥ ବର୍ତ୍ତମାନ ସୁଧା ଖର୍ଚ୍ଚ ହୋଇଛି ଏବଂ ସରକାର ଏହି ପ୍ରକଳ୍ପର ନିର୍ମାଣ ଶେଷକରିବା ପାଇଁ କଣ ଗତିପଥ ପ୍ରସ୍ତୁତ କରିଛନ୍ତି ?

----

## ତଥ୍ୟ ପ୍ରଦାନ

2690 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ଗୁଣପୁର ଉପଖଣ୍ଡ ଡାକ୍ତରଖାନାରେବି ଶେଷଜ୍ଞ ନିଯୁକ୍ତି

2691 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗୁଣପୁର ଉପଖଣ୍ଡ ଡାକ୍ତରଖାନା ଏକ ରେଫରାଲ୍ ସେଣ୍ଟର ହୋଇଥିବା ବେଳେ ଦୈନନ୍ଦିନ ଏଠାକୁ ଶତାଧିକ ରୋଗି ଚିକିତ୍ସା ପାଇଁ ଆସିଥାନ୍ତି କିନ୍ତୁ ଏଠାରେ ଜଣେହେଲେ ବିଶେଷଜ୍ଞ ନାହାନ୍ତି ଭେଷଜ, ଶିଶୁ, ଅସ୍ଥି ଶଲ୍ୟ, ନିସ୍ତେଜକ, ଅସ୍ତ୍ରୋପଚାର, ଚକ୍ଷୁ ଭଳି ବିଭାଗ ଗୁଡିକ ଖାଲି ପଡିଛି ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଥିବାବେଳେ ସେ ମେଡିକାଲ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ନେବାପରେ ତାହା ମଧ୍ୟ ସେହିପରି ଚନ୍ଦ୍ରପୁର, ଗୁଡାରି, ପଦ୍ମପୁର, ରାମନାଗୁଡା, ଜଗନ୍ନାଥପୁର, ପୁଟାସିଂ ଭଳି ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ମଧ୍ୟ ଜଣେ ଜଣେ ବିଶେଷଜ୍ଞ ଙ୍କୁ ନିଯୁକ୍ତି କରିବା ଆବଶ୍ୟକତା ଥିଲେ ମଧ୍ୟ ଖାଲି ପଡିଛି, ଏଣୁ ଏସବୁ ଡାକ୍ତର ପଦବି ପୁରଣ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ଓ ଯଦି ନେଇ ନାହାନ୍ତି ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## କଣ୍ଟିଲୋ PHC କୁ CHC ପରିଣତ

2692 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ କଣ୍ଟିଲୋ ପି.ଏଚ୍.ସି କୁ ସି.ଏଚ.ସି ରେ ପରିଣତ କରିବାକୁ ନିଷ୍ପତ୍ତି ନିଆଯିବ କି ପର୍ଯ୍ୟଟନ କେନ୍ଦ୍ର ଯୋଗୁଁ ବହୁ ସଂଖ୍ୟାରେ ଜନଗହଳି ରହୁଥିବାରୁ ଏଥିରେ ଉନ୍ନତ ମାନର ଚିକିତ୍ସା ସୁବିଧା ପାଇଁ ପଦକ୍ଷେପ ନିଆଯିବ କି ?

----

## ଆଞ୍ଚଳିକ ଦଳମାନେ ଆୟକର ରିଟର୍ଣ୍ଣ ପାଇଲ

2693 **ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ବିଗତ 5 ବର୍ଷଠାରୁ ଅଦ୍ୟାବଧି ଇଲେକ୍ଟରାଲ ବଣ୍ଡ ମାଧ୍ୟମରେ କେଉଁ ଆଞ୍ଚଳିକ ରାଜନୈତିକ ଦଳ ମାନଙ୍କୁ କେଉଁ ବ୍ୟକ୍ତି ବା ସଂସ୍ଥା କେତେ ଅର୍ଥ ପ୍ରଦାନ କରିଛନ୍ତି ତାର ବର୍ଷୱାରୀ ସଂସ୍ଥାୱାରୀ/ବ୍ୟକ୍ତି ବିଶେଷଙ୍କ ନାମ ଓ ଅଧିକ ରାଶିର ପରିମାଣର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି, (ଖ)ଏହି ଆଞ୍ଚଳିକ ଦଳମାନେ ଆୟକର ରିଟର୍ଣ୍ଣ ଫାଇଲ କରୁଛନ୍ତି କି ଯଦି କରୁଥାନ୍ତି ତେବେ ସେମାନେ ଏହି ସମୟ ମଧ୍ୟରେ କେଉଁ ଉତ୍ସରୁ କେତେ ଅର୍ଥ କିଏ ପ୍ରଦାନ କରିଛନ୍ତି?

----

## ଖାଲିଥିବା ଆଶା ପଦବୀ ପୂରଣ

2694 **ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଅନୁଗୁଳ ଓ କଟକ ଜିଲ୍ଲାରେ କେଉଁ CHC ଓ PHC ଅଧିନରେ କେତୋଟି 'ଆଶା' ପଦବୀ ଖାଲିରହିଛି, ସେଗୁଡିକ କେବେ ସୁଦ୍ଧା ପୂରଣ କରାଯିବ ଜଣାଇବେ କି, (ଖ) ଯେଉଁ 'ଆଶା' ମାନେ କାର୍ଯ୍ୟ କ୍ଷେତ୍ରରେ ମନମୁଖୀ ଓ ଅବହେଳା କରନ୍ତି, ସେମାନଙ୍କ ପାଇଁ କି ଦଣ୍ଡର ବ୍ୟବସ୍ଥା ରହିଛି ଜଣାଇବେ କି, ବାଙ୍କୀ ବ୍ଲକ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତର କେଉଟପାଟଣା ଗ୍ରାମର ଆଶାକର୍ମୀଙ୍କ ବିରୁଦ୍ଧରେ କି ଆପତ୍ତି ଅଭିଯୋଗ ଆସିଅଛି, ଏବଂ ବିଭାଗ ପକ୍ଷରୁ ତା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ପୂର୍ବତନ ବିଧାୟକଙ୍କ ହତ୍ୟାର ତଦନ୍ତ

2695 **ଶ୍ରୀ ଗୌରୀ ଶଙ୍କର ମାଝୀ (ନବରଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଉମରକୋଟର ପୂର୍ବତନ ବିଧାୟକଙ୍କ ହତ୍ୟାର ତଦନ୍ତ ପ୍ରକ୍ରିୟାର ପୁଙ୍ଖାନୁପୁଙ୍ଖ ବିବରଣୀ ଏବଂ ସବିଶେଷ ତଥ୍ୟ ପ୍ରଦାନ କରିବେ କି?

----

## Out Post ସ୍ଥାପନ

2696 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ଠାରେ ଏକ Out Post ଖୋଲିବା ପାଇଁ ବହୁତ ଦିନର ଦାବିକୁ ପୂରଣ କରିବା ପାଇଁ ତୁରନ୍ତ ଦୃଷ୍ଟି ଦେବେ କି ?

----

**ବରୀ CHC ର ସମସ୍ତ ପ୍ରକାର ଚିକିତ୍ସା ଯୋଗାଇବା**

2697 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଯାଜପୁର ଜିଲ୍ଲା ବରୀ CHC ବହୁ ପୁରୁଣା CHC ହୋଇଥିବାରୁ ଏବଂ ଏହା ଉପରେ ବହୁ ମାତ୍ରାରେ ଜନସାଧାରଣ ନିର୍ଭର କରୁଥିବାରୁ ଏଠାରେ ଖାଲିଥିବା Doctors, Specialist ଏବଂ ଅନ୍ୟାନ୍ୟ Para Medical Staff ପଦବୀକୁ ପୂରଣ କରିବା ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବେ କି, ବର୍ତ୍ତମାନ ଏହି CHC ରେ ବର୍ତ୍ତମାନ କେତେ Doctor, Specialist ଏବଂ Para Medical ପଦବୀର Sanction Post ସଂଖ୍ୟା କେତେ, ବର୍ତ୍ତମାନ କେଉଁଥିରୁ କେତୋଟି Post ଖାଲିଅଛି, ଖାଲିଥିବା ପଦବୀ ପୂରଣ କରିବା ସହ ରୋଗୀ ମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ Ultrasound, X-ray, Endoscopy, Scanning, MRI ଏବଂ Monitor Bed ଯନ୍ତ୍ରପାତିର ବ୍ୟବସ୍ଥା କରିବେ କି ?

----

**ରଘୁନାଥ ମୁର୍ମୁ ମେଡିକାଲରେ ଉପଯୁକ୍ତ ଚିକିତ୍ସା ଯୋଗାଇବା**

2698 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଉପଯୁକ୍ତ ଚିକିତ୍ସା ହୋଇପାରୁନଥିବା ବିଭିନ୍ନ ସଙ୍କଟାପନ୍ନ ରୋଗୀ ମାନଙ୍କର ଅନ୍ୟ ସହରରେ ଥିବା ଡାକ୍ତରଖାନାକୁ ସ୍ଥାନୀତ ହେଉଥିବା ବେଳେ ଉକ୍ତ ରୋଗୀଙ୍କ ରାସ୍ତାରେ ମୃତ୍ୟୁବରଣ ଏବଂ ରୋଗୀ ସମ୍ପର୍କୀୟ ଲୋକ ଅଧିକ ଖର୍ଚ୍ଚାନ୍ତ ସମସ୍ୟାକୁ ସମାଧାନ ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

**OTAS ରୁ OFS (JB) କୁ ପଦୋନ୍ନତି**

2699 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ ସମସ୍ତ କର୍ମଚାରୀଙ୍କ ପଦ ଗୁଡିକକୁ ଅଗ୍ରାଧିକାର ଦିଆଯାଉଥିବା ବେଳେ OTAS ରୁ OFS (JB) କୁ ପଦୋନ୍ନତି ଦେବା ନିମନ୍ତେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି, ବା କି କି ପଦକ୍ଷେପ ଗ୍ରହଣ କରାଯିବାର ବ୍ୟବସ୍ଥା ଅଛି ?

----

**Covid ମହାମାରୀ ସମୟରେ ହୋଇଥିବା ମାମଲା**

2700 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ Covid ମହାମାରୀ ସମୟରେ ସାମାଜିକ ଦୂରତା ଉଲଘଂନ ଏବଂ ଅନ୍ୟାନ୍ୟ ଆଇନଗତ ଦିଗକୁ ନଜରରେ ରଖାଯାଇ ରାଜ୍ୟରେ ବିଭିନ୍ନ ଥାନା ମାନଙ୍କରେ ଅନେକ ମାମଲା ରୁଜୁ ହୋଇଛି, ପ୍ରଶାସନିକ ସ୍ତରରେ ବି ବ୍ୟବସାୟୀଙ୍କ ବିରୋଧରେ ଜୋରିମନା ଧାର୍ଯ୍ୟ ହୋଇଥିଲା, ସଂଖ୍ୟାଧିକ ମାମଲା ହେତୁ ଉଭୟ ପୋଲିସ ଓ ପ୍ରଶାସନ ଉପରେ କାର୍ଯ୍ୟରତ ଥିବା ସରକାର ଏ ବିଷୟରେ ଅବଗତ ଅଛନ୍ତି କି, ଏ ସଂକ୍ରାନ୍ତ ମାମଲା ପ୍ରତ୍ୟାହାର ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଦୋଷୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା

2701 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଉରକେଲା ସ୍ଥିତ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କେଉଁ କେଉଁ Deputy Collector ସ୍ୱାଭାବିକ ମୃତ୍ୟୁ ହୋଇଥିଲା, ଉକ୍ତ ମୃତ୍ୟୁ ହେବାର 14 ମାସ ବିତିଯାଇଥିଲେ ମଧ୍ୟ ଏଥିପାଇଁ ଦୋଷୀ ମାନଙ୍କୁ ଧରିବାରେ ପୋଲିସ ବିଭାଗ କ'ଣ ପଦକ୍ଷେପ ନେଇଛନ୍ତି ?

----

## ନୂତନ Building ର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ

2702 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ 300 ଶଯ୍ୟା ବିଶିଷ୍ଟ ନୂତନ Building ର କାର୍ଯ୍ୟ ଚାଲିଛି କିନ୍ତୁ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି କିନ୍ତୁ ଏହାର ନିର୍ମାଣ କାର୍ଯ୍ୟ ଧିମା ଗତିରେ ଚାଲିଛି, ଏହା କେବେସୁଦ୍ଧା କାର୍ଯ୍ୟକାରୀ ହେବାର ଯୋଜନା ରହିଛି ଏବଂ ଶ୍ରୀ ଜଗନ୍ନାଥ ହସ୍ପିଟାଲ କାର୍ଯ୍ୟକାରୀ ହେବାପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ୱତନ୍ତ୍ର ଦୁର୍ଘଟଣା ଜନିତ ଚିକିତ୍ସାଳୟର ମାନ୍ୟତା ଦିଆଗଲେ ପୁରୀ ବାସିନ୍ଦା ଓ ପୁରୀକୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ସୁବିଧା ପାଇଁ ବିଶେଷ କରି accident, fire, trauma, cardio, neuro ଜନିତ ସ୍ୱତନ୍ତ୍ର ସେବା ପ୍ରଦାନ କରାଯିବ କି, ସରକାର ଏ ଦିଗରେ କି ପଦକ୍ଷେପ ଗ୍ରହଣ କରିବେ ?

----

## ତାଲିକା ଭୁକ୍ତ ହେବାକୁ ଥିବା ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ

2703 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନୂତନ କରି କେତେଗୋଟି ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସରକାରଙ୍କୁ ତାଲିକାଭୁକ୍ତ ପାଇଁ ଆବେଦନ କରିଛନ୍ତି, ସେଥିମଧ୍ୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦ୍ୱାରା ଅନୁଧ୍ୟାନ ପୂର୍ବକ କେଉଁ କେଉଁ ସ୍ୱାସ୍ଥ୍ୟ ସଂସ୍ଥାର ନାମ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି, ଏ ସଂକ୍ରାନ୍ତରେ ସରକାରଙ୍କ ଆଭିମୁଖ୍ୟ ଓ ପଦକ୍ଷେପ କ'ଣ ନେଇଛନ୍ତି ସବିଶେଷ ତଥ୍ୟ ଜିଲ୍ଲାୱାରୀ ଦେବେ କି ?

----

## ବାଳ ଅପରାଧିକ ନାମରେ ମାମଲା ରୁଜୁ

**2704 ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଆସିକା ଉପଖଣ୍ଡ ଆରକ୍ଷୀ ଅଧ୍ୟକ୍ଷଙ୍କ ଅଧିନରେ ଥିବା ସମସ୍ତ ପୋଲିସ ଥାନାରେ 2020 ମସିହା ଠାରୁ 2024 ମସିହା ମଧ୍ୟରେ କେତେଗୋଟି ବାଳ ଅପରାଧିକ ଘଟଣା ଘଟାଇଛନ୍ତି ଏବଂ କେତେଗୋଟି ବାଳ ଅପରାଧିକ ନାମରେ ମକଦ୍ଦମା ରୁଜୁ ହୋଇଅଛି ତାହାର ସମ୍ପୂର୍ଣ୍ଣ ବିବରଣୀ ସରକାର ପ୍ରଦାନ କରିବେ କି ?

----

## ଖାଲି ପଦବୀ ପୂରଣ

**2705 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ବିଭାଗରେ (ସମସ୍ତ ଡାକ୍ତରଖାନାରେ) କେତେ ଜଣ 4ର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି ; କେତେ ପଦବୀ ଖାଲିଅଛି ; ଖାଲିଥିବା ପଦବୀ ପୂରଣ ପାଇଁ ଶେଷଥର କେବେ ନିଯୁକ୍ତି ପରୀକ୍ଷା ହୋଇଥିଲା ; ଡାକ୍ତରଖାନା ମାନଙ୍କରେ ଖାଲିଥିବା 4ର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ଦେବାସହ ସବୁ 4ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବେ କି ; ସେହିପରି ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ବନ୍ଧୁଗାଁ ବ୍ଲକରେ ଏକ ନୂତନ ଡାକ୍ତରଖାନା କୋଠା ନିର୍ମାଣ ସରିଥିଲେ ମଧ୍ୟ କେବେ କାର୍ଯ୍ୟକ୍ଷମ ହେବ ଓ ଦଶମନ୍ତପୁର ବ୍ଲକରେ ନୂତନ ଭାବେ ନିର୍ମାଣ ଚାଲୁଥିବା CHC କୋଠାର ନିର୍ମାଣ କାମ କେବେ ସମ୍ପୂର୍ଣ୍ଣ ହେବ ଏଥିପାଇଁ କେତେ ବ୍ୟୟ ଅଟକଳ ରଖାଯାଇଛି ?

----

## Nursing Officer ନିଯୁକ୍ତି

**2706 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ସ୍ୱାସ୍ଥ୍ୟ ବିଭାଗରେ 2005 ରୁ ଆଜି ପର୍ଯ୍ୟନ୍ତ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା କେତେଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ, LT ଏବଂ Nursing Officer ମାନଙ୍କୁ ନିଯୁକ୍ତି ଦିଆଯାଇଛି , କେତେଜଣ ସ୍ଥାୟୀ ନିଯୁକ୍ତି ପାଇଛନ୍ତି ; ସେହିଭଳି ଦୀର୍ଘ 18 ବର୍ଷ ହେଲା ସ୍ୱାସ୍ଥ୍ୟ ବିଭାଗର Programme Management Unit NHM ଦ୍ୱାରା ଉଭୟ ଡାକ୍ତରଖାନା ଏବଂ ଗୋଷ୍ଠୀ ସ୍ତରରେ ପରିଚାଳନା କରୁଥିବା Management Staff ମାନେ ଠିକାରେ କାର୍ଯ୍ୟ କରି ଆସୁଥିବା ବେଳେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେବେ କି ; ସେହିପରି ରାଜ୍ୟର 4.5 କୋଟି ଲୋକଙ୍କୁ ଜରୁରୀ ସ୍ଥିତିରେ 24 ଘଣ୍ଟା ସେବା ଯୋଗାଉଥିବା 108 Ambulance Driver ମାନଙ୍କ ଚାକିରୀ ସୁରକ୍ଷା, ଦରମା ବୃଦ୍ଧି ଏବଂ Amri Green Health Service ସଂସ୍ଥା 108 Ambulance Driver ମାନଙ୍କ ଠାରୁ ମାସିକ ଜୋର ଜବରଦସ୍ତ 500 ଟଙ୍କା ଆଦାୟ କରୁଥିବାରୁ ଓ ଚାକିରୀ ଛଟେଇ କରୁଥିବା ସରକାର ଦୃଷ୍ଟି ଦେବେ କି?

----

## Software Technology Park ପ୍ରତିଷ୍ଠା

2707 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ କେଉଁ କେଉଁ ସ୍ଥାନରେ ସରକାର Software Technology Park କରିବା ପାଇଁ କେଉଁ କେଉଁ Firm ସହ କେତେ ପୁଞ୍ଜି ନିବେଶ ପାଇଁ ଚୁକ୍ତି କରିଛନ୍ତି ଓ କାର୍ଯ୍ୟ କେବେ ଠାରୁ ଆରମ୍ଭ ହେବ?

----

## Vigilance ତଦନ୍ତ ପାଇଁ ପଦକ୍ଷେପ

2708 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଆଦାନି ଗ୍ରୁପ୍ କମ୍ପାନୀ ଓଡିଶାରେ କେଉଁ କେଉଁ ଅଞ୍ଚଳରେ ନିଜ ସଂସ୍ଥା ନାମରେ କିଣିଛି ; କେଉଁ କେଉଁ ତହସିଲ ଅଧିନରେ କେତେ ଜମି କିଣିଛି ତାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ କିଣିବାର ଉଦ୍ଦେଶ୍ୟ କ'ଣ ଜଣାଇବେ କି ?

----

## ବିଧାୟକ ଅଫିସ ଗୃହ ନିର୍ମାଣ

2709 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଲୋକମାନଙ୍କ ସମସ୍ୟା ବିଷୟରେ ଆଲୋଚନା ପାଇଁ ସରକାର ଗୋଟେ ବିଧାୟକ ଅଫିସ୍ ଗୃହ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରିବାକୁ ପଦକ୍ଷେପ ନେବେ କି ; ସେହିଭଳି ଲୋକମାନଙ୍କ ଅଭିଯୋଗ ଓ ସମସ୍ୟାକୁ ନେଇ ଅଫିସରମାନଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ବିଧାୟକମାନଙ୍କ ଅନୁରୋଧ ତୁରନ୍ତ ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବାକୁ Book Circular-47 ଅନୁଯାୟୀ ଅଫିସର ମାନଙ୍କୁ ସରକାର ନିର୍ଦ୍ଦେଶ ଦେବେ କି?

----

## Book Circular No. 47

2710 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(a) As per the provisions of Book Circular No. 47, specifically Sections 2.5, 5.1, and 5.2, has the government undertaken any review to ensure compliance across all departments of the Secretariat and subordinate offices? (b) If not, will the Hon'ble Minister direct an inspection or audit to confirm compliance and initiate corrective measures in cases of noncompliance?

----

### Training to Mahila Thana Department

2711 **Smt. Sofia Firdous (Barabati-cuttack):**

Will the **Chief Minister** be pleased to state that:-:-

a) Whether any additional training is currently being provided to the Mahila Thana Department to enhance their skills and knowledge, particularly in dealing with gender-based crimes and sensitive cases? b) Will the government organize periodic IT/Technical training camps for the Mahila Thana Department to keep them updated on technological advancements, law amendments, and modern policing techniques? and What steps are being taken to ensure that the Mahila Thana Department remains up-to-date with any changes in laws, policies, and new developments in the criminal justice system? Is there a plan to include specialized training on the use of digital tools and platforms to enhance the efficiency of the Mahila Thana in handling cases and investigations?

----

### Installation of CCTV cameras in SCB Medical

2712 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

a) How many CCTV cameras have been installed inside the SCB Medical College & Hospital for surveillance purposes? b) Out of the total number of installed CCTV cameras, how many are currently functional and operational? Which specific areas of the SCB Medical College & Hospital, including critical service areas, are being monitored through these CCTV cameras? Is the CCTV surveillance system also being used to monitor the quality and efficiency of services provided within the hospital, such as patient care, medical procedures, and staff performance?

----

### Availability of UGC machines in all CHC

2713 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

a) Whether Ultrasonography (USG) machines are available in all Urban Community Health Centers (CHCs) in Odisha? me b) If USG machines are

available, will the Govt. provide a detailed list of the Urban CHCs where these machines are currently operational. If USG machines are not available in certain Urban CHCs, what are the reasons for their unavailability? What is the timeline for the installation and operationalization of USG machines in the CHCs where they are currently unavailable? Are Radiologists available in all the Urban CHCs for conducting USG tests, and if not, what measures are being taken to ensure qualified personnel are appointed in these centers?

----

**Staff list of Acharya Harihar Regional Cancer Centre**

2714 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

a) A detailed list of the staff members, along with their designations, currently working at the Acharya Harihar Regional Cancer Center' b) What medical facilities and services, such as surgery, diagnostic tests, and treatments, are currently available at the Acharya Harihar Regional Cancer Center for cancer patients?

----

**ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ**

2715 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗତ ଏକ ବର୍ଷ ମଧ୍ୟରେ କିଛି ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣର ଘଟିଥିବା ବିଷୟରେ ସରକାର ଜାଣିଛନ୍ତି କି ? ଯଦି ହଁ ତେବେ ଏହି ବାବଦରେ କେତେ ମକଦ୍ଦମା ରୁଜୁ ହୋଇଛି ଓ କେତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

**ଦମକଳ କେନ୍ଦ୍ରର ସଂଖ୍ୟା**

2716 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ ବର୍ତ୍ତମାନ କେତୋଟି ଦମକଳ କେନ୍ଦ୍ର ଅଛି ? ତାହାର ବିବରଣୀ ଦେବା ସହ ଗତ ୫ବର୍ଷରେ କେତୋଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ? ଆଗାମୀ ୫ବର୍ଷରେ କେତୋଟି ନୂତନ ଦମକଳ କେନ୍ଦ୍ର ପ୍ରତିଷ୍ଠା କରାହେବାର ଲକ୍ଷ୍ୟ ଅଛି ତାହା ଜଣେଇବା ସହ ପୁରୀ ଜିଲ୍ଲାରେ କେତୋଟି ନୂତନ ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖୁଛନ୍ତି ?

----

**ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା**

2717 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଗତ ସରକାର ସମୟରେ ଘୋଷଣା କରାଯାଇଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା (Air Health Services) ବର୍ତ୍ତମାନ କାର୍ଯ୍ୟକାରୀ ଅଛି କି ନା ସମ୍ପୂର୍ଣ ବନ୍ଦ ଅଛି ? ଯଦି ଏହି ସୁବିଧା କାର୍ଯ୍ୟକାରୀ ଅଛି ତେବେ ପୂର୍ବରୁ ଯେତିକି ଜିଲ୍ଲା ପାଇଁ ଏହି ସେବା ଯୋଗାଇ ଦିଆଯାଉଥିଲା ତାହା ବୃଦ୍ଧି କରିବା ପାଇଁ ସରକାର କିଛି ଯୋଜନା କରିଛନ୍ତି କି ?

----

## ଫାର୍ମାସିଷ୍ଟ ପୋଷ୍ଟର ସଂଖ୍ୟା

2718 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କ) ଓଡ଼ିଶାରେ ବିଭିନ୍ନ ହସ୍ପିଟାଲ/ CHC | PHC | NEW PHC ଇତ୍ୟାଦି ମାନଙ୍କରେ କେତେ ଫାର୍ମାସିଷ୍ଟ ପୋଷ୍ଟ ରହିଛି ଏବଂ ସେଥିରେ କେତେ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ଓ କେତେ ଖାଲି ରହିଛି ? ଖ) ଗତ ୫ବର୍ଷ ମଧ୍ୟରେ କେତୋଟି Nurse ଓ Pharmacist ସରକାରଙ୍କ ଦ୍ୱାରା ଚୟନ କରାଯାଇଛି ଓ ସେମାନଙ୍କୁ କେଉଁ କେଉଁ ସ୍ଥାନରେ ଅବସ୍ଥାପିତ କରାଯାଇଛି ?

----

## ଅନଧିକୃତ ଜବରଦଖଲ ପାଇଁ କରାଯାଇଥିବା ମୁଖ୍ୟ case ର ସଂଖ୍ୟା

2719 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ସହରରେ Unauthorized Occupation ତଥା ଅନଧିକୃତ ଜବରଦଖଲ ପାଇଁ ଗତ ୫ବର୍ଷରେ କେତୋଟି Case କରାଯାଇଛି ? ଏହି Case ଗୁଡିକର ବର୍ତ୍ତମାନ ର ସ୍ଥିତି କଣ ? ଏହି ସ୍ଥାନ କୁ ଜବରଦଖଲ ମୁକ୍ତ କରିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ଚିକିତ୍ସାକେନ୍ଦ୍ରର ସଂଖ୍ୟା

2720 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କେଉଁ କିସମର କେତେ ଏଲୋପାଥିକ, ଆୟୁର୍ବେଦିକ, ହୋମିଓପାଥିକ, ୟୁନାନି ଓ ପ୍ରାକୃତିକ ସରକାରୀ ଚିକିତ୍ସାକେନ୍ଦ୍ର ରହିଛି ? ଏଗୁଡିକ ପାଇଁ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ପ୍ରଶାସକ, ବିଶେଷଜ୍ଞ ଚିକିତ୍ସକ, ଡାକ୍ତର ଓ ଅଣଡାକ୍ତର ପଦବୀ ଅଛି ଓ ସେଥିରେ କେତେ ସଂଖ୍ୟକ କାର୍ଯ୍ୟରତ ଅଛନ୍ତି ଓ ଆଉ କେତେ ପଦବୀ ଖାଲି ପଡିଛି ତାହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା

2721 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଓଡିଶାପାଇଁ କେତେ ସଂଖ୍ୟକ ଆଇପିଏସ, ଓଏଏସ୍, ଓଡିଶା ଅର୍ଥସେବା ଓ ଓଡ଼ିଶା ଜଙ୍ଗଲସେବାର ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି ? ସେଥିରୁ ଏବେ କେତେ ପଦବୀ ଖାଲି ପଡିଛି ଏବଂ କେଉଁ ପାହ୍ୟାରେ କେତେ ଅଧିକାରୀ କାର୍ଯ୍ୟରତ ଅଛନ୍ତି ? ସର୍ବଭାରତୀୟ ସେବାର ଓଡିଶା କ୍ୟାଡରର କେତେ ଅଧିକାରୀ କେନ୍ଦ୍ର ଓ ଅନ୍ୟ ରାଜ୍ୟରେ କାମ କରୁଛନ୍ତି ଏବଂ ଅନ୍ୟ ରାଜ୍ୟ କ୍ୟାଡରର କେତେ ଅଧିକାରୀ ଓଡିଶାରେ ଏହି ପାହ୍ୟାରେ ମୁତୟନ ହୋଇଛନ୍ତି ?

----

## ବିଧାନ ପରିଷଦ ଗଠନ ପାଇଁ ପ୍ରସ୍ତାବ

2722 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ରାଜ୍ୟ ବିଧାନ ପରିଷଦ ଗଠନ ପାଇଁ ବିଧାନସଭାରେ କେବେ ସଙ୍କଳ୍ପ ପାରିତ ହୋଇଥିଲା ଏବଂ ଏହି ପରିଷଦ କେବେ ସୁଦ୍ଧା ଗଠନ କରିବାକୁ ପ୍ରସ୍ତାବ ରହିଛି, ବିଧାନ ପରିଷଦ ରାଜ୍ୟରେ ଗଢିବା ଲାଗି ସରକାର କେବେ କି ପଦକ୍ଷେପ ନେଇଛନ୍ତି ?

----

## ସର୍ବଶେଷ ବାର୍ଷିକ ଏଷ୍ଟାବ୍ଲିଶମେଣ୍ଟ ରିଭ୍ୟୁ ସମ୍ପର୍କରେ

2723 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାରଙ୍କ ସର୍ବଶେଷ ବାର୍ଷିକ ଏଷ୍ଟାବ୍ଲିଶମେଣ୍ଟ ରିଭ୍ୟୁ କେବେ କରାଯାଇଥିଲା ଏବଂ ଏହି ରିଭ୍ୟୁର ତଥ୍ୟ ମୁତାବକ ଆମ ରାଜ୍ୟ ପାଇଁ କେଉଁ ବର୍ଗର କେତେ ମଞ୍ଜୁରୀପ୍ରାପ୍ତ ସରକାରୀ ପଦବୀ ରହିଛି, ସେଥିରୁ କେତେ ପଦବୀ ଖାଲି ପଡିଛି ଓ ଆଉ କେତେ ପଦବୀରେ ନିୟମିତ କର୍ମଚାରୀ ରହିଛନ୍ତି ତାହାର ବିଭାଗୱାରୀ ପରିସଂଖ୍ୟାନ ପ୍ରଦାନ କରିବେ କି ?

----

## ପରିଚାଳନା ନିର୍ଦ୍ଦେଶକ ପଦବୀକୁ ଅପଗ୍ରେଡ୍

2724 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡିଶା କମ୍ପ୍ୟୁଟର ଆପ୍ଲିକେଶନ (ଓକାକ୍)ରେ କେବେ ପରିଚାଳନା ନିର୍ଦ୍ଦେଶକ (ଏମ୍ଡି) ପଦବୀ ସୃଷ୍ଟି ହେଲା ଏବଂ କେଉଁ ପଦବୀକୁ ଅପଗ୍ରେଡ୍ କରାଯାଇ ଏମ୍ଡି ପଦବୀ ସୃଷ୍ଟି ହୋଇଛି ତାହା ଜଣାଇବେ କି, ଏମ୍ଡି ପଦବୀ ସୃଷ୍ଟି ଠାରୁ କେଉଁ କେଉଁମାନେ ନିୟମିତ ଏମ୍ଡି ଭାବେ ଏହି ପଦବୀରେ କେତେଦିନ କାର୍ଯ୍ୟ କରିଛନ୍ତି ତାହା ଉଲ୍ଲେଖ କରିବା ସହ ବର୍ତ୍ତମାନ କାର୍ଯ୍ୟରତ ଏମଡିଙ୍କର ନାମ, କାର୍ଯ୍ୟରତ ସମୟ ଏବଂ ଶିକ୍ଷାଗତ ଯୋଗ୍ୟତା ଉଲ୍ଲେଖ କରିବେ କି, ଓକାକ୍‌ରେ ଗୋଟିଏ ସ୍ୱତନ୍ତ୍ର ସଚିବ ପାହ୍ୟାର ମୁଖ୍ୟ କାର୍ଯ୍ୟନିର୍ବାହଦୀ ଅଧିକାରୀ ପଦବୀ ଥିବାବେଳେ କେଉଁ ଆଧାରରେ ପରିଚାଳନା ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯିବାର କାରଣ କ'ଣ; ଓ ଏଥିଯୋଗୁଁ ଓକାକାକୁ ବାର୍ଷିକ କେତେ ଖର୍ଚ୍ଚାନ୍ତ ହେବାକୁ ପଡୁଛି ଓ କେତେ ଲାଭ ମିଳୁଛି ?

----

## ଡାକ୍ତର ଯୋଗାଇ ଦେବାକୁ ପଦକ୍ଷେପ

2725 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଉରକେଲା ସରକାରୀ ଚିକିତ୍ସାଳୟ (RGH) ଓ ରାଜଧାନୀ ଚିକିତ୍ସାଳୟ (Capital Hospital) ଭୁବନେଶ୍ୱରର ଗତ ୩ ବର୍ଷର ଦୈନିକ Out Door ରୋଗୀ ଓ In-Door ରୋଗୀଙ୍କ ସଂଖ୍ୟା କେତେ, ତାର ଏକ ତୁଳନାତ୍ମକ ତାଲିକା ମାସୱାରୀ ବିଗତ ୫ ବର୍ଷର ପ୍ରଦାନ କରିବେ କି, ଉକ୍ତ ତୁଳନାତ୍ମକ ତାଲିକା ସହିତ କେଉଁ ବିଭାଗରେ କେତେ Doctor ଓ Para Medical Staff ନିୟୋଜିତ କରାଯାଇଅଛି, ତାର ଏକ ବିବରଣୀ ପ୍ରଦାନ କରିବେ କି ଏବଂ ଉପରୋକ୍ତ ଅନୁପାତକୁ ଲକ୍ଷ୍ୟ ରଖି ଦୁଇ ଚିକିତ୍ସାଳୟରେ ଆ◌ାବଶ୍ୟକୀୟ ଡାକ୍ତର, Paramedical Staff ଯୋଗାଇ ଦେବାର ବ୍ୟବସ୍ଥା କରିବେ କି ?

----

## ବେସରକାରୀ ଚିକିତ୍ସାଳୟକୁ ଜମି ପ୍ରଦାନ

2726 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାର କେତୋଟି ବେସରକାରୀ ଚିକିତ୍ସାଳୟକୁ କେତେ କେତେ ଜମି ପ୍ରଦାନ କରିଛନ୍ତି, ତାର ଏକ ଜିଲ୍ଲାୱାରୀ ବେସରକାରୀ ଚିକିତ୍ସାଳୟର ନାମ ଓ ଜମିର ପରିମାଣ ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଉକ୍ତ ଚିକିତ୍ସାଳୟ ମାନ ଲାଭ କିମ୍ବା କ୍ଷତିରେ ଚାଲୁଅଛି, ସେମାନଙ୍କର ୫ ବର୍ଷର ଲାଭକ୍ଷତି ଓ ଆୟକର ହିସାବର ତାଲିକା ସହିତ ଅଞ୍ଚଳର ଉନ୍ନତି ଓ ପ୍ରଗତି ନିମନ୍ତେ କି କି ସାମାଜିକ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଔଷଧ ବିତରଣ ନିମନ୍ତେ ଖର୍ଚ୍ଚ ପରିମାଣ

2727 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାରୀ ଚିକିତ୍ସାଳୟ ମାନଙ୍କରେ ରୋଗୀଙ୍କୁ ମାଗଣା ପ୍ରଦାନ କରାଯାଇଥିବା ଔଷଧ ଉତ୍ତମ ଓ ତତକାଳ କାର୍ଯ୍ୟକ୍ଷମ ହେଉନାହିଁ ବୋଲି ସାଧାରଣରେ ଆଲୋଚନା ହୁଏ, ଏହା ସତ୍ୟ କି, ଯଦି ହଁ ତେବେ ଉଚ୍ଚ ମାନର ଔଷଧ ପ୍ରଦାନ ନିମନ୍ତେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି, ଏହି ମାଗଣା ଔଷଧ ପ୍ରଦାନ ନିମନ୍ତେ ସରକାର ବାର୍ଷିକ କେତେ ଅର୍ଥ ଖର୍ଚ୍ଚ କରୁଛନ୍ତି, ବିଗତ ୫ ବର୍ଷରେ କେତେ ଅର୍ଥ ପ୍ରଦାନ କରାଯାଇଅଛି ?

----

### No objection certificate ପ୍ରଦାନ ସମ୍ପର୍କରେ

2728 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମସ୍ତ ଥାନା ମାନରେ ଥିବା କେସ ଗୁଡିକ ବିଭାଗୀୟ Database ରେ ଉପଲବ୍ଧ କରାଯିବାର ପ୍ରାବଧାନ ଅଛି କି, ଯଦି ହଁ ତେବେ ରାଜ୍ୟରେ ଥିବା ସମସ୍ତ ଥାନା ମାନଙ୍କରେ ବିଗତ ପଞ୍ଜିକୃତ ହୋଇଥିବା କେସ୍ ଗୁଡିକ Database ରେ ଉପଲବ୍ଧ ହୋଇସାରିଅଛି କି, Passport Verification ଦ୍ୱାରା ପ୍ରଦାନ କରାଯାଇଥିବା "No Objection"Certificate ସମ୍ପୂର୍ଣ୍ଣ ଠିକ୍ ଭାବେ ଗ୍ରହଣ କରାଯିବ କି, ଯଦି ହଁ ପରବର୍ତ୍ତୀ ସମୟରେ ଯଦି କିଛି ତ୍ରୁଟି ପରିଲକ୍ଷିତ ହୁଏ ଉକ୍ତ No objection ପ୍ରଦାନ ନିମନ୍ତେ ସେଥିପାଇଁ କେଉଁ କର୍ତ୍ତୃପକ୍ଷ ଦାୟୀ ରହିବେ ?

----

### ରାଜ୍ୟରେ ଦ୍ୱିତୀୟ AIIMS ପ୍ରତିଷ୍ଠା

2729 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଦ୍ୱିତୀୟ AIIMS ପ୍ରତିଷ୍ଠା କରାଯିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯାଇ ଥିଲା କି, ଯଦି ହଁ ତେବେ ଏହାର ଅଗ୍ରଗତି ସମ୍ପର୍କରେ ଅବଗତ କରିବେ କି, ତାହା ସୁନ୍ଦରଗଡ଼ ଜିଲ୍ଲାରେ ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇ ଥିଲା କି ଯଦି ହଁ ରାଜ୍ୟ ସରକାର ଉକ୍ତ ଅଞ୍ଚଳରେ ୨ୟ AIIMS ପ୍ରତିଷ୍ଠା ନିମନ୍ତେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଉପସ୍ଥାପନ କରିବେ କି ?

----

### ଚିକିତ୍ସାଳୟରେ ଯାନ୍ତ୍ରିକ ବ୍ୟବସ୍ଥା

2730 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ସ୍ଥିତ ଫକୀର ମୋହନ ମେଡିକାଲ କଲେଜରେ ରୋଗୀଙ୍କ ସବୁ ପ୍ରକାର ଚିକିତ୍ସା ପାଇଁ ପରୀକ୍ଷା ନିରୀକ୍ଷାର ଯାନ୍ତ୍ରିକ ବ୍ୟବସ୍ଥା ହୋଇଛି କି, ଉତ୍ତର ନାଁ ହେଲେ କେଉଁ ବିଭାଗରେ ଏପରି ବ୍ୟବସ୍ଥା ହୋଇନାହିଁ, କେବେ ସୁଦ୍ଧା ଯୋଗାଇ ଦିଆଯିବ ସରକାର କ'ଣ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିବେ ?

----

## ଥାନା ଗୁଡିକର ଆଧୁନିକୀକରଣ

2731 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲାର ପଶ୍ଚିମବଙ୍ଗ ରାଜ୍ୟ ସୀମାବର୍ତ୍ତୀ କେଉଁଠାରେ କେତୋଟି ଥାନା ଅବସ୍ଥିତ, ଏସବୁ ଥାନା ଗୁଡିକରେ ସରକାରଙ୍କ ନିର୍ଦ୍ଧାରିତ ବ୍ୟବସ୍ଥାରେ ପ୍ରତ୍ୟେକଟିରେ କେତେ ଜଣ କର୍ମଚାରୀ ନିୟୋଜିତ ହେବା ନିୟମ ଅଛି ଓ ବର୍ତ୍ତମାନ କେଉଁ ଥାନାରେ କେତେ ଜଣ କାର୍ଯ୍ୟରତ ଅଛନ୍ତି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି, ପ୍ରଚଳିତ ସାମାଜିକ ବ୍ୟବସ୍ଥା ଓ ବାହ୍ୟ ଶତୃକୁ ମୁକାବିଲା କରିବା ପାଇଁ ଏହି ଥାନାଗୁଡିକୁ ଆଧୁନିକୀକରଣ କରିବାକୁ ସରକାର କ'ଣ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ ?

----

## ରକ୍ତ ସଂଗ୍ରହ କରିବାକୁ ପଦକ୍ଷେପ

2732 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଜିଲ୍ଲା ଓ ସବଡିଭିଜନରେ ପ୍ରତ୍ୟେକଟିର ମୋଟ ରକ୍ତଭଣ୍ଡାର କେତୋଟି ରୋଗୀଙ୍କ ପାଇଁ ପ୍ରତ୍ୟେକ ଦିନ କେତେ ରକ୍ତ ଆବଶ୍ୟକ ହୋଇଥାଏ, ସେ ପରିମାଣରେ ରକ୍ତ ସଂଗ୍ରହ ହୋଇ ମହଜୁଦ ଥାଏ କି, ଯଦି ନଥାଏ ଦେବେ ପ୍ରତ୍ୟେକ ଦିନ କେତେ ଅଭାବ ହୁଏ, ସେହି ଅଭାବ ପୁରଣ ପାଇଁ ସରକାରଙ୍କ ବ୍ୟବସ୍ଥା କ'ଣ, ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ରକ୍ତ ସଂଗ୍ରହ କରିବାକୁ ସରକାର କୌଣସି ନୂଆ ବ୍ୟବସ୍ଥା କହିଛନ୍ତି କି ?

----

## X-Ray machine ବସାଇବା ପାଇଁ ବ୍ୟବସ୍ଥା

2733 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି CHC ରେ X-Ray machine ଅଛି, ସବୁ ଗୁଡିକ ସଚଳ କି, ଏଥିରୁ Urban CHC ରେ କେତୋଟି, ଯଦି ସବୁ CHC ରେ ନଥାଏ, ତବେ ନୀତିଗତ ଭାବରେ ସରକାର X-Ray machine ଯୋଗାଇଦେବାକୁ ବ୍ୟବସ୍ଥା କରିବେ କି ?

----

## ଏ.ଏନ୍.ଏମ୍. ନିଯୁକ୍ତି

2734 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସଂଖ୍ୟା କେତେ, ପ୍ରତ୍ୟେକ କେନ୍ଦ୍ରରେ ଷ୍ଟାଫ୍ ନର୍ସ, ଏ.ଏନ୍.ଏମ୍ ସଂଖ୍ୟା Sanctioned Post କେତେ, ଏ ଅନୁସାରେ ରାଜ୍ୟରେ କାର୍ଯ୍ୟରତ ଷ୍ଟାଫ୍ ନର୍ସ, ଏ.ଏନ.ଏମ୍. ସଂଖ୍ୟା ମୋଟ କେତେ ଆଉ କେତେ ଆବଶ୍ୟକ, ସରକାର ଏମାନଙ୍କ ନିଯୁକ୍ତି ସକାଶେ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଫାର୍ମାସୀ ଅଫିସର ନିୟୋଜନ

2735 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଫାର୍ମାସୀ ଅଫିସର post କେତେ, କେତେ ଜଣ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି, କେତୋଟି ପଦବୀ ଖାଲିଅଛି ତାର ଏକ ତାଲିକା ପ୍ରଦାନ କରିବେ କି, ଏଣିକି ହସ୍ପିଟାଲ ଗୁଡିକରେ ମାାଗଣା ଔଷଧ ବିତରଣ କେନ୍ଦ୍ର ଗୁଡିକର ୨୪ ଘଣ୍ଟିଆ ଖୋଲାରହିବ କି, ଉକ୍ତ କେନ୍ଦ୍ର ମାନଙ୍କରେ କେଉଁ କକର୍ମଚାରୀମାନଙ୍କୁ ନେଇ ୨୪ ଘଣ୍ଟିଆ ଖୋଲି ରୋଗୀମାନଙ୍କୁ ସେବା ଦେବା ପାଇଁ ଚିନ୍ତା କରୁଛନ୍ତି କି, ରାଜ୍ୟରେ ସମସ୍ତ ଔଷଧ ବିତରଣ କେନ୍ଦ୍ର ମାନଙ୍କରେ ଅତିକମରେ ୪ ଜଣ ଲେଖାଏଁ ଫାର୍ମାସୀ ଅଫିସର ନିୟୋଜିତ ଦରକାର ସ୍ଥଳେ, ଅଳ୍ପ ସଂଖ୍ୟକ ଫାର୍ମାସୀ ଅଫିସର ମାନଙ୍କୁ ଧରି କିପରି ୨୪ ଘଣ୍ଟିଆ ଖୋଲିବେ, ଯଦି ଖୋଲିବେ ଆବଶ୍ୟକ ଅଫିସରମାନଙ୍କୁ କେବେ ସୁଦ୍ଧା ପୂରଣ କରିବେ ?

----

## PHC ଖୋଲିବା ପାଇଁ ପଦକ୍ଷେପ

2736 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ମାଲକାନଗିରୀ ଜିଲ୍ଲା ଘଞ୍ଚ ଜଙ୍ଗଲ, ଦୁର୍ଗମପାହାଡ଼ ଘେରି ମଧ୍ୟରେ ଅବସ୍ଥିତ ବିଶେଷକରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଆୟତନ ଓ ଅପହଞ୍ଚ ଇଲାକା ହୋଇଥିବା ସକାଶେ ସ୍ୱାସ୍ଥ୍ୟ ସେବା ଓ ଗମନାଗମନ ଭଳି ଦୃଶ୍ୟ ସରକାର ଅବଗତ ଅଛନ୍ତି କି, ଯଦି ହଁ ଏହିସବୁ ଅଞ୍ଚଳ ମାନଙ୍କରେ ସ୍ୱାସ୍ଥ୍ୟ ସେବାଭଳି ଗୁରୁତ୍ୱପୂର୍ଣ୍ଣ ସେବା କିଭଳି ଜନସାଧାରଣଙ୍କର ପାଖରେ ପହଞ୍ଚିବ ସରକାର ପଦକ୍ଷେପ ଗ୍ରହଣ କରି ନୂତନ Sub-centre, PHC ମାନ ଖୋଲିବେ କି, ଓ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ଯନ୍ତ୍ରପାତି ଗୁଡିକର ସୁବିନିଯୋଗ ପାଇଁ ପଦକ୍ଷେପ

2737 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କେତେ DHH, BDHC, CHC ଓ PHC ମାନଙ୍କରେ ମୂଲ୍ୟବାନ ଯନ୍ତ୍ରପାତି କିଣି ଉକ୍ତ କେନ୍ଦ୍ର ମାନଙ୍କରେ ମହଯୁଦ ଥିବା ସରକାରୀ ଅର୍ଥକୁ ଅପବ୍ୟୟ କରିବା ସରକାର ଅବଗତ ଅଛନ୍ତି କି, ଯଦି 'ହଁ' ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଭିତ୍ତିଭୂମି ସ୍ଥାପନ ଓ Technician appoint କରି ସଦୁପୋଯୋଗ କରିବାକୁ ପଦକ୍ଷେପ ନେବେ କି ?

----

## Finance Company ମାନଙ୍କରେ ଶୋଷଣନୀତି

2738 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଛତୁ ଫୁଟିଲା ପରି ଛୋଟ ଛୋଟ ଫାଇନାନ୍ସ Company ଗାଁ ଗହଳର ଗରିବ ମା ମାନଙ୍କୁ ସ୍ୱାବଲମ୍ବି କରିବା ପରିବର୍ତ୍ତେ ଋଣାଗ୍ରସ୍ତ କରି ମେରୁଦଣ୍ଡ ଭାଙ୍ଗି ଆତ୍ମହତ୍ୟା ପରି ପଦକ୍ଷେପ ନେବା ପର୍ଯ୍ୟନ୍ତ ନଜିର ସରକାରଙ୍କର ଦୃଷ୍ଟିଗୋଚର ଅଛି କି, ଯଦି ହଁ, ରାଜ୍ୟରେ କେତୋଟି Finance company, କାର୍ଯ୍ୟ କରୁଛି, ସେମାନଙ୍କର ଋଣ ଦେବାର ମାନଦଣ୍ଡ କଣ, କେଉଁ କେଉଁ ଆଧାରରେ କି କି ଆତ୍ମନିର୍ଭର ପାଇଁ କେତେ ଋଣ ପ୍ରଦାନ କରୁଛନ୍ତି ?

----

## ନୂତନ ଦମକଳ କେନ୍ଦ୍ର ସ୍ଥାପନ

2739 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆୟତ ଦୃଷ୍ଟିରୁ ଅନେକ ଅଂଚଳ ବ୍ଲକ ସଦର ମହକୁମା ଦମକଳ କେନ୍ଦ୍ର ଠାରୁ ପ୍ରାୟ 50 ରୁ ଅତ୍ୟଧିକ 100 କି.ମି. ପର୍ଯ୍ୟନ୍ତ ଥିବା ସରକାର ଅବଗତ ଅଛନ୍ତି କି, ଯଦି ହଁ ଏହି ସ୍ଥାନମାନଙ୍କରେ ସରକାର ବିଚାରକୁ ନେଇ ଉପଯୁକ୍ତ ସ୍ଥାନମାନଙ୍କରେ ନୂତନ ଦମକଳ କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ ରଖିବେକି?

----

## Awareness about sickle cell anemia

2740 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- What is the current status of the Sickle Cell Anemia Elimination Mission in Odisha? How many cases have been reported and treated in the past year? What educational programs are being conducted to raise awareness about sickle cell anemia?

----

## Steps taken to strengthen the financial management

2741 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

(a) The number of audit objections raised by the CAG regarding Odisha's financial management in the last three years and their current status; (b) Whether any special financial package has been sanctioned for Odisha's development in the last two years, if so, the details thereof; The measures taken to strengthen the public financial management system in Odisha and their outcomes?

----

## Promotion of Digital Literacy

2742 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

What steps has the Electronics & Information Technology Department taken to promote digital literacy and e-governance in Odisha over the past three years? Can the department provide specific data or outcomes of these initiatives? How is the Electronics & Information Technology Department addressing the challenges of internet connectivity and digital infrastructure in rural and underserved areas of Odisha? Are there any ongoing projects or future plans to improve broadband access? What measures are being taken by the department to ensure the security of government data and protect citizens' privacy in Odisha's digital infrastructure?

----

**No of grievances registered on the e-Abhijoga portal**

2743 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

How many public grievances have been registered on the e-Abhijoga portal in the past year? How many of them have been resolved? What is the average time taken by the GA Department to address a grievance? Are there plans to expand the reach of public grievance redressal mechanisms to rural areas?

----

**ପଦ୍ମଶ୍ରୀ ପୁରସ୍କାର ସମ୍ପର୍କରେ**

2744 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର ଅଦ୍ୟାବଧି କେଉଁମାନେ କି କି କ୍ଷେତ୍ରରେ ସଫଳତା ପାଇ ପଦ୍ମଶ୍ରୀ ଓ ପଦ୍ମଭୂଷଣ, ପଦ୍ମବିଭୂଷଣ ଉପାଧି ପୁରସ୍କାର ଅର୍ଜନ କରିଛନ୍ତି, ସେମାନଙ୍କ ନାମ, ଠିକଣା ସହ ଏକ ବିବରଣୀ ପ୍ରଦାନ କରିବେ କି, ଏବଂ (ଖ) ଏହି ପୁରସ୍କାର ପାଇଁ ଅଦ୍ୟାବଧି କେତେଜଣ ଆବେଦନ କରିଛନ୍ତି ଏବଂ ସେମାନଙ୍କ ନାମକୁ କେଉଁମାନେ ସୁପାରିଶ କରିଛନ୍ତି, ଏହାର ଚୟନ କମିଟିରେ କେଉଁମାନେ ସଦସ୍ୟ ରହିଛନ୍ତି ସେମାନଙ୍କ ସମସ୍ତ ବିବରଣୀ ପ୍ରଦାନ କରିବେ କି, ଶେଷଥର କେବେ କେଉଁମାନେ ଏଥିରେ ପୁରସ୍କୃତ ହୋଇଛନ୍ତି ଏବଂ ଆଗାମୀଦିନରେ 'କେବେ ଏହି କମିଟ୍ ବସିବାର ଅଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବା ସହ କେଉଁ ସର୍ବନିମ୍ନ ମାପଦଣ୍ଡ (ବେସିକ୍ କ୍ରାଇଟେରିଆ) ଗୁଡିକ ମାଧ୍ୟମରେ ଏହି ପୁରସ୍କାର ଦିଆଯାଏ ?

----

**'କୋଟିଆ' ସୁରକ୍ଷା ପାଇଁ ପଦକ୍ଷେପ**

2745 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

**Unclaimed deposits of dormant accounts**

2746 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (a) R.B.I in its latest annual report has stated that Rs. 78,213 crores of unclaimed deposits of dormant accounts of many was transferred to banks then. (b) what is the amount figure & share of unclaimed deposits that accrued from our State; What was it last year and how many dormant accounts. have been detected in our state and the sum of money. there of bank-wise? Whether transfer of money from dormant commercial bank accounts to the RBI is unprincipled and arbitrary, as it depletes the banks while swells the RBI?

----

**ନନ୍ ବ୍ୟାକିଙ୍ଗ ସଂସ୍ଥା ଦ୍ୱାରା ଋଣ ପ୍ରଦାନ**

2747 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- କଟକ ଜିଲ୍ଲାର କାର୍ଯ୍ୟରତ ନନ୍ ବ୍ୟାକିଙ୍ଗ ସଂସ୍ଥା ଗୁଡିକର ବିବରଣୀ ପ୍ରଦାନ କରିବେ କି ? ବିଗତ ୫ ବର୍ଷ ଠାରୁ ଅଦ୍ୟାବଧି କେତେ ଋଣ କେଉଁମାନଙ୍କୁ ପ୍ରଦାନ କରିଛନ୍ତି ଓ ଅନୁମୋଦିତ ସୁଧହାରର ସମସ୍ତ ବିବରଣୀ ପ୍ରଦାନ କରିବେକି ?

----

**Amount of revenue receipts and expenditure till 31st May, 2024.**

2748 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (a) The amount of revenue receipts and the amount of expenditure (both revenue and capital) incurred till 31st May, 2024. (b) The revenue surplus ratio as percentage of GSDP in April-May -2024 vis-à-vis April-May- 2023. Debt Stock Ratio as percentage of GSDP in April-May-2024 vis-à-vis April-May-2023 ?

----

**ଟ୍ରାଫିକ୍ ଥାନା ପ୍ରତିଷ୍ଠା**

2749 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः-ः- କେନ୍ଦୁଝର ଜିଲ୍ଲାରେ ମହିଳା ଥାନା ଓ ଟ୍ରାଫିକ୍ ଥାନା ପ୍ରତିଷ୍ଠା ହୋଇନଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ପରିପ୍ରେକ୍ଷୀରେ କେନ୍ଦୁଝରଠାରେ ମହିଳା ଥାନା ଓ ଟ୍ରାଫିକ୍ ଥାନା ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଅନୁକମ୍ପାମୂଳକ ନିଯୁକ୍ତି

2750 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः-ः- (କ) କେନ୍ଦୁଝର ଜିଲ୍ଲାର କେତେଜଣ ପ୍ରାର୍ଥୀ କେଉଁ ବିଭାଗକୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ କେବେଠାରୁ ଆବେଦନ କରି ନିଯୁକ୍ତି ପ୍ରତୀକ୍ଷାରେ ଅଛନ୍ତି, ଓ ସେମାନଙ୍କୁ କେବେ ସୁଦ୍ଧା ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ କରାଯିବ ; (ଖ) ପରିବାରର ଚାକିରିଆ ବ୍ୟକ୍ତିଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ଉପରେ ନିର୍ଭରଶୀଳ ପରିବାର ଦୁଃସ୍ଥ ଓ ଅସହାୟ ଅବସ୍ଥାରେ କାଳାତିପାତ କରୁଥିବା ବେଳେ ଅନୁକମ୍ପା ମୂଳକ ନିଯୁକ୍ତି ସମୟରେ ବାର୍ଷିକ ଆୟ ପାଇଁ ଥିବା ମାନଦଣ୍ଡକୁ ପ୍ରତ୍ୟାହାର କରିବାକୁ ସରକାର ବ୍ୟବସ୍ଥା କରିବେ କି ?

----

## କର୍ମଚାରୀଙ୍କ ପ୍ରାପ୍ୟ ପ୍ରଦାନ

2751 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः-ः- ଅଦ୍ୟାବଧି କେଉଁ ବିଭାଗ ଅନ୍ତର୍ଗତ କେଉଁ କାର୍ଯ୍ୟାଳୟର କେଉଁ କର୍ମଚାରୀଙ୍କ ବାର୍ଷିକ ବେତନ ବୃଦ୍ଧି, ଆର.ଏ.ସି.ପି., ଏମ୍.ଏ.ସି.ପି., ସେବା ପୁସ୍ତିକା ଅଧୁନାତନ ସହିତ ସେମାନଙ୍କ ପ୍ରାପ୍ୟ ମଞ୍ଜୁର ବିଳମ୍ବିତ ହୋଇଛି, ଏହାକୁ ସମ୍ପାଦନ ପାଇଁ ବ୍ୟବସ୍ଥା ସହ ସରକାରୀ କର୍ମଚାରୀଙ୍କ ପ୍ରାପ୍ୟ ଓ ପେନ୍‌ସନ୍ ଆଦି ମଞ୍ଜୁର ଅବିଳମ୍ବେ ସମ୍ପାଦନ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ହୋମିଓପାଥ ମେଡିକାଲ ପ୍ରତିଷ୍ଠା

2752 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ः**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟର କେଉଁ କେଉଁଠାରେ ହୋମିଓପାଥିକ ମେଡିକାଲ୍ କଲେଜ ଓ ହସ୍ପିଟାଲ୍, ହୋମିଓପାଥିକ ଡାକ୍ତରଖାନା ଥିବାବେଳେ ସେଠାରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର କେତେଗୋଟି କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ ପଦକ୍ଷେପ ନେବା ସହ ହୋମିଓପାଥିକ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବାକୁ ରାଜ୍ୟରେ ଅଧିକ ସଂଖ୍ୟକ ହୋମିଓପାଥି ମେଡିକାଲ କଲେଜ ଓ ହସ୍ପିଟାଲ୍ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ମୋବାଇଲ୍ ସେବା ଉପଲବ୍ଧ ପାଇଁ ପଦକ୍ଷେପ

2753 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ः**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାର କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତକୁ ଅଦ୍ୟାବଧି ଟେଲିକମ୍ ସେବା ଓ ମୋବାଇଲ୍ ସେବା ଉପଲବ୍ଧ ହୋଇନାହିଁ ପ୍ରକାଶ କରି ଏହି ସେବା କେବେସୁଦ୍ଧା ଯୋଗାଇ ଦିଆଯିବ ?

----

## ପୂର୍ବତନ ବିଧାୟକମାନଙ୍କୁ ପ୍ରଶାସନିକ ସହଯୋଗ

2754 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୂର୍ବତନ ବିଧାୟକମାନଙ୍କୁ ପ୍ରଶାସନିକ କ୍ଷେତ୍ରରେ କି କି ସହଯୋଗ ପ୍ରଦାନ କରାଯାଇଛି ଓ ସେମାନେ ତାଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟାଳୟ ଗସ୍ତ କରି ସେଠାରେ ସମୀକ୍ଷା କରିବାକୁ ସରକାର ଅନୁମତି ଦେଇଛନ୍ତି କି, ଉତ୍ତର ହଁ ହେଲେ ସେ ସମ୍ପର୍କରେ ଅବଗତ କରିବେ କି ?

----

## କର୍ମଚାରୀମାନଙ୍କ ସେବା ପୁସ୍ତିକା

2755 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ବିଭାଗର କେଉଁ ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନର କର୍ମଚାରୀମାନଙ୍କ ସେବା ପୁସ୍ତିକା ଏଚ୍.ଆର.ଏମ୍.ଏସ୍. ମାଧ୍ୟମରେ ଅଦ୍ୟାବଧି ଅଧୁନାତନ ହୋଇନାହିଁ ପ୍ରକାଶ କରି ଏହାକୁ କେବେ ସୁଦ୍ଧା ଅଧୁନାତନ କରାଯିବ, ଏହା ସମ୍ପାଦନ କରିବାରେ ବିଳମ୍ବ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର କି କଠୋର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଆଇ.ଟି. ଫାର୍ମ ସହିତ ଚୁକ୍ତି ସମ୍ପାଦନ

2756 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ବିଭାଗରେ କେଉଁ ଆଇ.ଟି. ଫାର୍ମକୁ କେଉଁ କାର୍ଯ୍ୟ ସମ୍ପାଦନ ପାଇଁ ସରକାର ଚୁକ୍ତି ସମ୍ପାଦନ କରି ଏ ବାବଦରେ ସେହି ଫାର୍ମକୁ ବାର୍ଷିକ କେତେ ଅର୍ଥ ପ୍ରଦାନ କରୁଛନ୍ତି, ତାହାର ତାଲିକା ପ୍ରଦାନ କରିବେ କି ?

----

## ବିନିଯୋଗ ହୋଇଥିବା କାର୍ଯ୍ୟ

2757 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ବିଭାଗ ଅଧୀନସ୍ଥ କେଉଁ କାର୍ଯ୍ୟାଳୟକୁ ବିଗତ ଦୁଇ ବର୍ଷରେ କେତେ ଅର୍ଥ ଆସିଥିଲା ବେଳେ ତନ୍ମଧ୍ୟରୁ କେତେ ଅର୍ଥ ବିନିଯୋଗ ହୋଇଛି ଓ କେତେ ବିନିଯୋଗ ହୋଇପାରିନାହିଁ ତାହାକୁ ତୁରନ୍ତ ବିନିଯୋଗ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ୨୪ ଘଣ୍ଟିଆ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା

2758 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ ଘଣ୍ଟିଆ ଅଲଟ୍ରାସାଉଣ୍ଡ ଚିକିତ୍ସା ବ୍ୟବସ୍ଥା ସମ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଆଦର୍ଶ ଥାନା ସ୍ଥାପନ

2759 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ଡ଼ିଆପଡ଼ା ଓ ନରସିଂହପୁର ପଞ୍ଚାୟତ ଅଧିବାସୀମାନେ ସେମାନଙ୍କର ଥାନା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପରିବର୍ତ୍ତେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନକୁ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ କରିଥିବା ଆବେଦନ ଉପରେ କି କି ପଦକ୍ଷେପ ନିଆଯାଇଛି ; (ଖ) କେବେସୁଦ୍ଧା ଏହି ଦୁଇ ପଞ୍ଚାୟତବାସୀଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶଥାନାକୁ ଅଣାଯିବ ?

----

## ବ୍ୟୟ ହେଉଥିବା ବଜେଟ

2760 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ୨୦୨୩ - ୨୪ ଓ ୨୦୨୪ -୨୫ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ସରକାରଙ୍କୁ ପ୍ରାପ୍ତ ହୋଇଥିବା ରାଜସ୍ୱର ଏକ ତୁଳନାତ୍ମକ ବିବରଣୀ ଦେବେ କି; (ଖ) ଏହି ମାସ ଅବଧି ମଧ୍ୟରେ ବ୍ୟୟ ହୋଇଥିବା ବଜେଟ ଅଟକଳର ତୁଳନାତ୍ମକ ବିବରଣୀ ଦେବେ କି ?

----

## ଖାଲିଥିବା ଡ଼ାକ୍ତର ପଦବୀ

2761 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ବର୍ତ୍ତମାନ ମଞ୍ଜୁରୀପ୍ରାପ୍ତ ଡ଼ାକ୍ତର ପଦବୀ ସଂଖ୍ୟା କେତେ ଓ ତନ୍ମଧ୍ୟରୁ କେତେ ସଂଖ୍ୟକ ଡ଼ାକ୍ତର ପଦବୀ ଖାଲି ଅଛି ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି ; (ଖ) କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ କେଉଁ କେଉଁ ହସ୍ପିଟାଲରେ କେତେ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ଡ଼ାକ୍ତର ପଦବୀ ଅଛି ଓ ତନ୍ମଧ୍ୟରୁ କେତେ ସଂଖ୍ୟକ ପଦବୀ ଖାଲି ଅଛି ତାର ଏକ ହସ୍ପିଟାଲୱାରୀ ତାଲିକା ଦେବେ କି ?

----

## ଗୁଳିକାଣ୍ଡର ତଦନ୍ତ ତଥ୍ୟ

2762 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଗତ ୨୦୧୯ -୨୦ ଠାରୁ ୨୦୨୪ ଅକ୍ଟୋବର ସୁଦ୍ଧା କେଉଁ ବର୍ଷ କେଉଁ କେଉଁ ସ୍ଥାନରେ ଗୁଳିକାଣ୍ଡ ଘଟଣା ଘଟିଛି ଓ ତନ୍ମଧ୍ୟରୁ କେଉଁ କେଉଁ ଗୁଳିକାଣ୍ଡ ଘଟଣାର ସରକାର ବିଚାର ବିଭାଗୀୟ ପ୍ରଶାସନିକ ତଦନ୍ତର ନିର୍ଦ୍ଦେଶ ଦେଇଛନ୍ତି ଓ ସେହି ସେହି ତଦନ୍ତ କମିଟିଙ୍କ ତଥ୍ୟ ଉପସ୍ଥାପନ କରିବେ କି ?

----

**PHC / PHC New ମାନଙ୍କୁ CHC ରେ ପରିଣତ**

2763 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ୨୦୨୪-୨୫ ରେ ରାଜ୍ୟ ସରକାର କେତେକ PHC / PHC New ମାନଙ୍କୁ CHC ରେ ପରିଣତ କରିବାର ଯୋଜନା ରଖିଛନ୍ତି କି; ଯଦି ହଁ ଏହି ଯୋଜନାରେ କେନ୍ଦ୍ରାପଡ଼ା ବ୍ଲକର ଚନ୍ଦନପୁର PHC (NAC) ଓ ପଟ୍ଟାମୁଣ୍ଡାଇ ବ୍ଲକର ଅଣରା PHC(N) ଅଗ୍ରାଧିକାର ଭିତ୍ତିରେ ଅର୍ନ୍ତଭୁକ୍ତ କରିବେ କି ?

----

**ସ୍ୱାସ୍ଥ୍ୟସେବା ଭିତିଭୂମି ଉନ୍ନତିକରଣ**

2764 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୂରଭଞ୍ଜ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉନ୍ନୟନ ନିମନ୍ତେ ବିଗତ ତିନି ବର୍ଷରେ କେଉଁ ଡାକ୍ତରଖାନାର ଉନ୍ନତିକରଣ ନିମନ୍ତେ କେତେ ଅର୍ଥ ବିନିଯୋଗରେ କି କି ପ୍ରକଳ୍ପ କାର୍ଯ୍ୟ ସଂପାଦନ ହୋଇଛି ?

----

**ପ୍ରାପ୍ତିପତ୍ର ସ୍ୱୀକାର ପ୍ରଦାନ**

2765 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାନ୍ୟବର ବିଧାୟକମାନେ ବିଭିନ୍ନ ମନ୍ତ୍ରୀ, ସରକାରୀ ଅଧିକାରୀ (ମୟୁରଭଞ୍ଜ ଜିଲ୍ଲା ର ) ଙ୍କୁ ଦେଉଥିବା ପତ୍ରର ପ୍ରାପ୍ତି ସ୍ୱୀକାର ଓ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ କରାଯାଉ ନାହିଁ ଏହା ତୁରନ୍ତ ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

**Network Service ପ୍ରଦାନ**

2766 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର କେଉଁ କେଉଁ ବ୍ଲକରେ କେଉଁ କେଉଁ Internet Service Provider କେତୋଟି Mobile Tower Install କରି Network Service Provide କରୁଛନ୍ତି ତାଲିକା ପ୍ରଦାନ କରିବା ସହ Network Cervice ପହଞ୍ଚୁଥିବା ଅଞ୍ଚଳର ତାଲିକା ଦେଇ କେବେସୁଦ୍ଧା Mobile Tower Install କରି କେଉଁ Internet Service Provider ଦ୍ୱାରା Network Service Provide କରାଇବେ ତାହା ସ୍ପଷ୍ଟୀକରଣ ଦେବେ କି ?

----

## ବିଧାୟକଙ୍କୁ ସହାୟକ ଯୋଗାଣ

2767 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଧାୟକ ମାନଙ୍କୁ ନିର୍ବାଚନ ମଣ୍ଡଳୀର ସୁପରିଚାଳନା ଓ ଜନସାଧାରଣ ମାନଙ୍କର ସୁବିଧା ପାଇଁ ସବୁ ବିଧାନସଭା ନିର୍ବାଚନ ମଣ୍ଡଳୀର ହେଡ଼କ୍ୱାର୍ଟରରେ ଗୋଟିଏ ଲେଖାଏଁ ବିଧାୟକ ଅଭିଯୋଗ ପ୍ରକୋଷ୍ଠ ଏବଂ ପ୍ରତି ବିଧାୟକମାନଙ୍କୁ ସମସ୍ତ ପ୍ରକାର କାମରେ ସହଯୋଗ କରିବାପାଇଁ ଜଣେ ଲେଖାଏଁ ସହାୟକ ଦେବାପାଇଁ ବ୍ୟବସ୍ଥା କରିବେ କି ?

----

## ସାଇବର ଅପରାଧ ରୋକିବା ପାଇଁ ପଦକ୍ଷେପ

2768 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ ଜିଲ୍ଲା ରେ ଗତ ୩ ବର୍ଷରେ ଥାନାୱାରୀ କେତେ ସାଇବର ଅପରାଧ ମାମଲା ରୁଜୁ ହୋଇଛି ଓ ସେଥିରୁ ମହିଳାଙ୍କ ସମ୍ମାନହାନୀ ଓ ଅର୍ଥ ଠକେଇ ମାମଲା ସଂଖ୍ୟା କେତେ ; ଏସବୁ ମାମଲାରେ ମୋଟ କେତେ ଜଣ ଗିରଫ ହୋଇଛନ୍ତି ଓ କେତେଜଣ ଦଣ୍ଡିତ ହୋଇଛନ୍ତି - ସାଇବର ଅପରାଧ ରୋକିବା ନିମନ୍ତେ ସରକାରଙ୍କ ଯୋଜନା କଣ ?

----

## ଖାଲି ପଦବୀ ପୂରଣ

2769 **ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ସୋରୋ ନିର୍ବାଚନ ମଣ୍ଡଳୀର ସୋରୋ ବ୍ଲକରେ ଥିବା Hospital ସମୂହର ଓ ବାହାନଗା ବ୍ଲକ୍ ମଧ୍ୟରେ ଥିବା Hospital ଗୁଡିକରେ କେତେଜଣ ଡାକ୍ତର ଅଛନ୍ତି ଏବଂ କେତେ କର୍ମଚାରୀ ଅଛନ୍ତି ତାହାର ଏକ ସମ୍ପୂର୍ଣ ବିବରଣୀ ଜଣାଇବେ କି, ସୋର ବ୍ଲକରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ ଏବଂ ଏ ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ଏବଂ ଏହି ସମସ୍ୟାର ସମାଧାନ କରିବା ପାଇଁ କି କି ପଦକ୍ଷେପ ନେଇଛନ୍ତି ତାହା ଜଣାଇବେ କି ; (ଖ) ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସରକାରଙ୍କର ଏକ ନୈତିକ ଦାୟୀତ୍ୱ ହୋଇଥିବାରୁ କେବେ ସୁଦ୍ଧା ଏ ବିଭାଗ ସୋରୋ ଓ ବାହାନଗା ହସ୍ପିଟାଲର ସମସ୍ତ ଖାଲିଥିବା ପଦବୀ ଓ ଆବଶ୍ୟକ ପଡୁଥିବା ପଦବୀ ପୂରଣ କରାଯିବ ?

----

## CHC ରେ ଯନ୍ତ୍ରପାତି କ୍ରୟ

2770 **ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ( କ ) ସୋରୋ ଚିକିତ୍ସାଳୟରେ ପ୍ରତ୍ୟେକ ବିଭାଗର ସୁପର specialist ଡକ୍ଟରଙ୍କୁ ସପ୍ତାହର ତିନିଦିନ ରୋଗୀ ମାନଙ୍କ ଚିକିତ୍ସା ଯୋଗାଇବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେକି ; ତାହା କେବେଠାରୁ କାର୍ଯ୍ୟକାରୀ ହେବ ; ( ଖ ) ସୋରୋ CHC Hospital, ଅନନ୍ତପୁର CHC ଓ ଗୋପାଳପୁର CHC ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କଣ ଯନ୍ତ୍ରପାତି କିଣା ହୋଇଛି କି ?

----

## ଅଭିଯୋଗର ସମାଧାନ

2771 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ( କ ) ବ୍ଲକ ସ୍ତରୀୟ ସାଧାରଣ ଲୋକଙ୍କଠାରୁ ଅଭିଯୋଗ ଶୁଣିବା ପାଇଁ ଅଫିସରମାନଙ୍କୁ ନିର୍ଦ୍ଦେଶ ଅଛି କି ; ତାହା କାର୍ଯ୍ୟକାରୀ ହେଉଛି କି ; (ଖ ) ସୋରୋ ଏବଂ ବାହାନାଗା ବ୍ଲକ ଅଫିସ୍ କେଉଁ ନିର୍ଦ୍ଦିଷ୍ଟ ଦିନରେ ଏହି ଅଭିଯୋଗ ଶୁଣାଣି ହେଉଛି; ଗତ ୫ ମାସ ମଧ୍ୟରେ କେତେ ଅଭିଯୋଗ ଆସିଛି ; ତନ୍ମଧ୍ୟରୁ କେତେ ଅଭିଯୋଗ ସମାଧାନ ହୋଇଛି ଅଭିଯୋଗ ସମାଧନ ସହ ପୂର୍ବ ଅଧିକାରୀମାନେ କଣ ତୃଣମୂଳ କ୍ଷେତ୍ରଗୁଡିକୁ ପରିଦର୍ଶନ କରୁଛନ୍ତି କିମ୍ବା ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେଉଛନ୍ତି କି ?

----

## ଭିନ୍ନକ୍ଷମଙ୍କୁ ଋଣ ପ୍ରଦାନ

2772 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଭିନ୍ନକ୍ଷମ ବ୍ୟକ୍ତି ବ୍ୟବସାୟର ଅଭିବୃଦ୍ଧି ପାଇଁ DRI/PMEGP ଋଣର ବ୍ୟବସ୍ଥା ଥିଲାବେଳେ ସେମାନଙ୍କୁ ବ୍ୟାଙ୍କ ଋଣ ପ୍ରଦାନ କରୁନାହାଁନ୍ତି ସେମାନେ ବାରମ୍ବାର ବ୍ୟାଙ୍କକୁ ଯାଇ ନିରାଶ ହୋଇ ଫେରୁଛନ୍ତି, ବିଶେଷ କରି ସୋରୋ ଓ ବାହାନଗା ବ୍ଲକରେ କେତେ ଜଣ ଉକ୍ତ ଯୋଜନାରେ 2020 ମସିହାରୁ ଦରଖାସ୍ତ କରିଛନ୍ତି ସେମାନଙ୍କର ତଥ୍ୟ ପ୍ରଦାନ କରିବେ କି ?

----

## ଅଭିଯୋଗର ଆଶୁ ଫଇସଲା

2773 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ବିଭାଗ ଅଧୀନସ୍ଥ କେଉଁ କାର୍ଯ୍ୟାଳୟର କେଉଁ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ କେତେ ତାରିଖରୁ ଦୁର୍ନୀତି ନିବାରଣ ମାମଲା ବିଚାରାଧୀନ ଅଛି ବିଗତ ତିନି ବର୍ଷରେ କେତୋଟି ଫଇସଲା ହୋଇ ବକେୟା ଅଭିଯୋଗର ଆଶୁ ଫଇସଲା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## OSWAS ମାଧ୍ୟମରେ ନଥି କାର୍ଯ୍ୟ

**2774 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ବିଭାଗ ଅଧିନସ୍ଥ କେଉଁ ସରକାରୀ କାର୍ଯ୍ୟାଳୟ ଓ ସଂସ୍ଥାରେ OSWAS ମାଧ୍ୟମରେ ନଥି କାର୍ଯ୍ୟ ସମ୍ପାଦନ ହେଉଅଛି ଓ କେଉଁ କାର୍ଯ୍ୟାଳୟରେ ଏହା ବ୍ୟବସ୍ଥିତ ହୋଇନାହିଁ ପ୍ରକାଶ କରି ପ୍ରତ୍ୟେକ କାର୍ଯ୍ୟାଳୟରେ OSWAS ମାଧ୍ୟମରେ ନଥି କାର୍ଯ୍ୟ ସମ୍ପାଦନ କାଗଜ ବ୍ୟବହାର ହ୍ରାସ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## E-mail ନମ୍ବର ସଂଶୋଧନ

**2775 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଭିନ୍ନ ମନ୍ତ୍ରୀ, ବିରୋଧୀଦଳ ନେତା, ସମସ୍ତ ସରକାରୀ ବିଭାଗର ଅଧିକାରୀଙ୍କ E-mail ନମ୍ବର ସଂଶୋଧନ କରି ତାହାକୁ ସରକାରୀ ୱେବସାଇଟରେ ସର୍ବସାଧାରଣଙ୍କ ଅବଗତି ନିମିତ୍ତ ସ୍ଥାନୀତ କରିବା ସହ E-mail ଯୋଗୁଁ ବିଭିନ୍ନ ସରକାରୀ କାର୍ଯ୍ୟଳୟକୁ ଆସୁଥିବା ପତ୍ରକୁ ଯାଞ୍ଚ କରି ତାହା ଉପରେ ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଅଣ ବ୍ୟାଙ୍କ ସଂସ୍ଥାଦ୍ୱାରା ଅର୍ଥ କାରବାର

**2776 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ କେଉଁ ଅଣ ବ୍ୟାଙ୍କିଙ୍ଗ ସଂସ୍ଥା କେଉଁ ଜିଲ୍ଲାର କେଉଁ ଠାରେ ଖୋଲାଯାଇ ଟଙ୍କା ଜମା ସହ ଋଣ ଲଗାଣ କରୁଛନ୍ତି, ସେମାନେ କେତେ ଜମା ରାଶି ସଂଗ୍ରହ କରିଥିବାବେଳେ କେତେ ଋଣ ଲଗାଣ କରିଛନ୍ତି ଓ ଏହି ସଂସ୍ଥାର କାରବାର ନିୟମିତ ଯାଞ୍ଚ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବଡ Hospital ର ଶଯ୍ୟା ସଂଖ୍ୟା

**2777 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଏବେ ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ କେତୋଟି ବଡ Hospital ପ୍ରତିଷ୍ଠିତ ହୋଇଛି ଓ ହେବାକୁ ଯାଉଛି, ଏସବୁର ଶଯ୍ୟା ସଂଖ୍ୟା କେତେ ଚିକିତ୍ସାପାଇଁ Hospital କୁ ଯାଉଥିବା କେତେ ପ୍ରତିଶତ ରୋଗୀ ଏସବୁ ଘରୋଇ Hospital କୁ ଯାଉଛନ୍ତି ?

----

## ବିଭିନ୍ନ ସମ୍ପ୍ରଦାୟରେ ଜନ୍ମ ହାର

2778 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ ବିଭିନ୍ନ ସମ୍ପ୍ରଦାୟରେ ଜନ୍ମହାର କେତେ ଓ ତାହା Replacement ହାରଠାରୁ କେତେ କମ୍ ବା ବେଶୀ ?

----

## ସ୍ୱେଚ୍ଛାକୃତ ଅବସର ନେଇଥିବା ସର୍ବ ଭାରତୀୟ ଅଧିକାରୀଙ୍କ ସଂଖ୍ୟା

2779 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ଜଣ କେଉଁ କେଉଁ ସେବାର ସର୍ବ ଭାରତୀୟ ଅଧିକାରୀ ଗତ 5 ବର୍ଷ ମଧ୍ୟରେ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି ଓ ଆଉ କେଉଁମାନେ ଏଥିଲାଗି ଆବେଦନ କରିଛନ୍ତି ?

----

## ବରଖାସ୍ତ ହୋଇଥିବା Officerଙ୍କ ତାଲିକା

2780 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନରେ ରାଜ୍ୟର କେତେ ଜଣ ସରକାରୀ officer ବା କର୍ମଚାରୀ ଏଯାଏଁ ବରଖାସ୍ତ ହେଲେଣି ସେସବୁର ବର୍ଷୱାରୀ ତାଲିକା ଓ ସେମାନଙ୍କ ବିରୋଧରେ ଅଭିଯୋଗର ତଥ୍ୟ ଦେବେ କି ?

----

## ଅଭିଯୋଗକାରୀଙ୍କୁ ଅବଗତ

2781 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ତା.01.01.2023 ରୁ ତା.31.10.2024 ରିଖ ସୁଦ୍ଧା କେଉଁ ବିଭାଗରେ କେତେଗୋଟି e -ଅଭିଯୋଗ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ସୁପାରିଶ ହୋଇଥିବା ଅଭିଯୋଗ ସମାଧାନ ହୋଇନାହିଁ, ଏହାକୁ ସୁପାରିଶ ନକରି କେମିତି ତା.03.12.2024 ରିଖ ସୁଦ୍ଧା ସମାଧାନ କରାଯାଇ ଅଭିଯୋଗକାରୀଙ୍କୁ ଅବଗତ କରାଯିବ ?

----

## ଅଭିଯୋଗର ତ୍ୱରିତ୍ୱ ସମାଧାନ

2782 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ଅଭିଯୋଗଗୁଡିକ ବିଭାଗ, ନିର୍ଦ୍ଦେଶାଳୟ ଦେଇ ବୁଲି ବୁଲି ଯେଉଁ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ପରିସରଭୁକ୍ତ ସେଠାରେ ପହଞ୍ଚିବା ବିଳମ୍ବ ହେଉଥିବାରୁ ପଞ୍ଚାୟତସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅନଲାଇନ ମାଧ୍ୟମରେ ଅଭିଯୋଗଗୁଡିକୁ ସୁପାରିଶ କରି ତ୍ୱରିତ ସମାଧାନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## କାର୍ଯ୍ୟାନୁଷ୍ଠାନରେ ବିଳମ୍ବ

2783 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ e-mail ଯୋଗେ ଆସୁଥିବା ପତ୍ରଗୁଡିକ ନିୟମିତ ଯାଞ୍ଚ କରି ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ପରିପ୍ରେକ୍ଷୀରେ E-mail ଗୁଡିକ ନିରନ୍ତର ଯାଞ୍ଚ କରି ତାହା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପେନସନ୍ ସମୀକ୍ଷା ବୈଠକ

2784 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବିଗତ ଜୁନ 2024 ରିଖରୁ ଅକ୍ଟୋବର ଶେଷ ସୁଦ୍ଧା କେଉଁ ବିଭାଗ ପକ୍ଷରୁ କେତେଗୋଟି ପେନସନ୍ ସମୀକ୍ଷା ବୈଠକ ଆୟୋଜନ କରି କେତେଗୋଟି ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁରୀ ହୋଇଛି ଓ ସମସ୍ତ ବକେୟା ପେନସନ୍ 2024 ଡିସେମ୍ବର 31 ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ପୋଲିସ୍ ପଦବୀ ପୂରଣ

2785 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସର୍ବଭାରତୀୟ ସ୍ତରରେ କେତେ ଲୋକଙ୍କ ପାଇଁ ଜଣେ ପୋଲିସ୍ ରହିବାର ବ୍ୟବସ୍ଥା ଅଛି, ଆମ ରାଜ୍ୟରେ ଉକ୍ତ ନିୟମ ଅନୁସାରେ କେତେ ପୋଲିସ୍ ଆବଶ୍ୟକ ଓ ବର୍ତ୍ତମାନ କେତେଜଣ ରହିଛନ୍ତି ତାହା ଜଣାଇବେ କି, ତନ୍ମଧ୍ୟରୁ ବାଲେଶ୍ୱର ଜିଲ୍ଲା ଅଧିନରେ ଥିବା ସିମୁଳିଆ ଓ ଖଇରା ଥାନାରେ କେତୋଟି ପଦବୀ ଖାଲିଅଛି, ପଦବୀଗୁଡିକୁ ପୁରଣ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## Nursing କର୍ମଚାରୀ ପଦବୀ ପୂରଣ

2786 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ବିଭିନ୍ନ ବର୍ଗର Nursing କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ଓ ଉକ୍ତ ପଦବୀଗୁଡିକୁ କେବେସୁଦ୍ଧା ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ?

----

## ଚିଟ୍ ଫଣ୍ଡ ସଂସ୍ଥାର ସମ୍ପତ୍ତି ବ୍ୟାଜାପ୍ତ

2787 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମୁଦାୟ କେତୋଟି ଚିଟଫଣ୍ଡ୍ ସଂସ୍ଥାର କେତେ ସମ୍ପତ୍ତି ବ୍ୟାଜାପ୍ତ ହୋଇଛି, ତନ୍ମଧ୍ୟରେ କେଉଁ କେଉଁ ସଂସ୍ଥାର କେତେ ସମ୍ପତ୍ତି ଚିହ୍ନଟ କରାଯାଇ ନିଲାମ ହୋଇଛି ଓ ଉକ୍ତ ଅର୍ଥକୁ କେଉଁ କେଉଁ ଜମାକାରୀଙ୍କୁ ପ୍ରଦାନ କରାଯାଇଅଛି ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ଫେରିଯାଇଥିବା କେନ୍ଦ୍ରୀୟ ଅନୁଦାନ

2788 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- 2014-15 ଆର୍ଥିକ ବର୍ଷରୁ 2023-24 ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟ ସରକାର କେଉଁ ଆର୍ଥିକ ବର୍ଷରେ କେତେ ଟଙ୍କାର ବ୍ୟୟ ଅଟକଳ ବା ବଜେଟ୍ ଉପସ୍ଥାପିତ କରିଥିଲେ, କେଉଁ ଆର୍ଥିକ ବର୍ଷରେ କେତେ ଟଙ୍କା ଖର୍ଚ୍ଚ କରିଥଲେ ଓ କେତେ ଖର୍ଚ୍ଚ ହୋଇପାରିନଥିଲା ଏବଂ ଖର୍ଚ୍ଚ ନ ହୋଇପାରିବାରୁ କେତେ ଟଙ୍କାର କେନ୍ଦ୍ରୀୟ ଅନୁଦାନ ଫେରିଯାଇଥିଲା ତାହାର ଆର୍ଥିକ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ବକେୟା ରାଜସ୍ୱ ଆଦାୟ ପାଇଁ ପଦକ୍ଷେପ

2789 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର କେଉଁ କେଉଁ ସୂତ୍ରରୁ କେତେ ଟଙ୍କାର ରାଜସ୍ୱ ପାଉଛନ୍ତି ସେ ସଂକ୍ରାନ୍ତରେ ଗତ ୧୦ ବର୍ଷର ଏକ ପରିସଂଖ୍ୟାନ ପ୍ରଦାନ କରିବେ କି, ଅଦାଲତରେ ମାମଲା ବା ଅନ୍ୟ କୌଣସି କାରଣରୁ ଏବେ କେତେ ରାଜସ୍ୱ ଅନାଦେୟ ହୋଇ ପଡ଼ିରହିଛି ଏବଂ ବକେୟା ରାଜସ୍ୱ ଆଦାୟ ପାଇଁ କି କି ପଦକ୍ଷେପ ନେଉଛନ୍ତି ?

----

## ମେଡିକାଲ କଲେଜ ପ୍ରତିଷ୍ଠା

2790 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଏବେ କେତୋଟି ମେଡ଼ିକାଲ କଲେଜ୍ ରହିଛି, କେଉଁ ମେଡ଼ିକାଲ କଲେଜରେ କେତୋଟି ସିଟ୍ ରହିଛି, ଆଗାମୀ ଦିନରେ ରାଜ୍ୟର କେଉଁ କେଉଁ ସ୍ଥାନରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା ରହିଛି, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବେ କି ?

----

## Online Trading ରେ ଠକାମୀ

2791 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଅନଲାଇନ ଟ୍ରେଡ଼ିଂ (Trading) ମଧ୍ୟରେ ଗତ ୫ ବର୍ଷ ମଧ୍ୟରେ କେତେଜଣ ହିତାଧିକାରୀ ଠକାମୀର ଶିକାର ହୋଇଛନ୍ତି, ଏହାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି, Online Trading ର ଠକାମୀକୁ ରୋକ ଲଗାଇବା ପାଇଁ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଶିକ୍ଷାନୁଷ୍ଠାନର ତଥ୍ୟ

2792 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତୋଟି ଇଲେକ୍ଟ୍ରୋନିକ୍ସ ଓ କେତୋଟି ସୂଚନା ପ୍ରଯୁକ୍ତି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଛି, ଏହାର ଏକ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ସମସ୍ୟା ସମାଧାନ ହୋଇ ଥିବା ଅଭିଯୋଗର ବିବରଣୀ

2793 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଗତ ୩ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ କେତେ ଅଭିଯୋଗକାରୀ ସେମାନଙ୍କ ସମସ୍ୟା ନେଇ ସାକ୍ଷାତ କରିଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣଙ୍କ ସମସ୍ୟା ସମାଧାନ ହୋଇଛି ?

----

## ମଞ୍ଜୁରୀ ପ୍ରାପ୍ତ ପଦବୀର ସଂଖ୍ୟା

2794 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସଂସଦୀୟ ବ୍ୟାପାର ବିଭାଗ ଅଧିନରେ କେତୋଟି ମଞ୍ଜୁରୀ ପ୍ରାପ୍ତ ପଦବୀ ରହିଛି, ସେଥି ମଧ୍ୟରୁ କେତେ ପଦବୀ ଖାଲି ପଡିଛି, ଖାଲି ପଡିଥିବା ପଦବୀ ଗୁଡିକୁ କେବେ ସୁଦ୍ଧା ପୂରଣ କରାଯିବ ?

----

## ଗୋଟିଏ ଜିଲ୍ଲାରେ ରହିଥିବା ଅଧିକାରୀଙ୍କ ସଂଖ୍ୟା

2795 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସରକାରଙ୍କ ବଦଳି ନିୟମ ଅନୁଯାୟୀ କେଉଁ କେଉଁ ସରକାରୀ କର୍ମଚାରୀ ୩ ବର୍ଷରୁ ଉର୍ଦ୍ଧ ସମୟ ଗୋଟିଏ ଜିଲ୍ଲା ବା କାର୍ଯ୍ୟାଳୟରେ ରହିଛନ୍ତି, ସେ ମଧ୍ୟରୁ ରାୟଗଡା ଜିଲ୍ଲାରେ କେତେ ଜଣ ଅଧିକାରୀ ରହିଛନ୍ତି ?

----

## ଅଣବ୍ୟାଙ୍କିଙ୍ଗ ସଂସ୍ଥାର କାର୍ଯ୍ୟକଳାପ ଯାଞ୍ଚ

2796 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅଦ୍ୟାବଧି କେତୋଟି ଅଣବ୍ୟାଙ୍କିଙ୍ଗ ସଂସ୍ଥା ଅର୍ଥ କାରବାର କରୁଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି, ସେମାନଙ୍କ କାର୍ଯ୍ୟକଳାପ ଯାଞ୍ଚ ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି କି ?

----

## ଆଇ. ଟି କ୍ଷେତ୍ରରେ ଷ୍ଟାର୍ଟ ଅପ ଏବଂ ଉଦ୍ୟୋଗୀଙ୍କ ପାଇଁ ପ୍ରୋଗାମ

2797 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ଆଇ.ଟି କ୍ଷେତ୍ରରେ ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗୀଙ୍କୁ ଉତ୍ସାହିତ କରିବା ପାଇଁ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ପ୍ରୋଗ୍ରାମ ବା ନୀତି ଅଛି କି, ଏଥି ସହିତ ଡାଟା ଗୋପନୀୟତା ଏବଂ ସାଇବର ନିରାପତ୍ତା ଦିଗରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ?

----

## ନୂତନ ଥାନା ଖୋଲିବା ପାଇଁ ପ୍ରସ୍ତାବ

2798 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବର୍ଦ୍ଧିତ ଜନସଂଖ୍ୟା ଦୃଷ୍ଟିରୁ ବସ୍ତା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଉଚିତ ନ୍ୟାୟ ପ୍ରଦାନ ଏବଂ ଆଇନ ଶୃଙ୍ଖଳା ରକ୍ଷା ଲାଗି ଆଗାମୀ ଦିନରେ କୌଣସି ନୂତନ ଥାନା ବା ଫାଣ୍ଡି ଖୋଲିବାର ପ୍ରସ୍ତାବ ଅଛି କି ?

----

## ସ୍ଥାୟୀ ପୋଲିସ ଫାଣ୍ଡି ନିର୍ମାଣ

2799 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟିଲୋ ଆଉଟ ପୋଷ୍ଟ ଓ ଭାପୁର ଆଉଟ ପୋଷ୍ଟକୁ ଥାନାରେ ପରିଣତ କରିବାକୁ ପଦକ୍ଷେପ ନିଆଯିବ କି, ଫତେଗଡ ଥାନାର ନବୀକରଣ ପାଇଁ ପଦକ୍ଷେପ ନିଆଯିବ କି, ସେହିପରି ସିଧାମୁଳା ଓ ବାହାଡା ଛକରେ ସ୍ଥାୟୀ ପୋଲିସ ଫାଣ୍ଡି ନିର୍ମାଣ ପାଇଁ ପଦକ୍ଷେପ ନିଆଯିବକି ?

----

## ସ୍ୱାସ୍ଥ୍ୟ କେନ୍ଦ୍ରରେ ପାଣି ଓ ବିଜୁ ସୁବିଧା ପ୍ରଦାନ

2800 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୂଆପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୁମନା ବ୍ଲକର ଲଖନା, କୁରୁମପୁରୀ ସିଆଲଟି ଓ ସୁନାବେଡା ରେ Health Centre ସବୁ ତିଆରି ହୋଇ କାର୍ଯ୍ୟକାରୀ ହେଲାଣି, କିନ୍ତୁ ଆଜି ପର୍ଯ୍ୟନ୍ତ ପାଣି ଓ ଇଲେକ୍ଟ୍ରିକ କୋଣସି ବ୍ୟବସ୍ଥା ନଥିବାରୁ କାର୍ଯ୍ୟ କରିବାରେ କୌଣସି ସୁବିଧା ହେଉନାହିଁ ଏହି Centre ଗୁଡିକରେ କେବେ ସୁଦ୍ଧା ପାଣି ଓ ଇଲେକ୍ଟ୍ରିକ ବ୍ୟବସ୍ଥା କରିବେ ?

----

## ଡାକ୍ତର ପଦବୀ ପୂରଣ

2801 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୂଆପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂଆପଡା ନିର୍ବାଚନ ମଣ୍ଡଳିରେ ଥିବା CHC, PHC ଗୁଡିକରେ ଡାକ୍ତର ମାନଙ୍କ ପାଇଁ Sanctioned Post ଅଛି, ସେଥିମଧ୍ୟରୁ କେଉଁ କେଉଁ CHC ଓ PHC ରେ କେତେ ଡାକ୍ତର ପୋଷ୍ଟ ଖାଲି ପଡିଛି, ଖାଲି ପଡିଥିବା ଡାକ୍ତରପୋଷ୍ଟ ଗୁଡିକ କେବେସୁଦ୍ଧା ପୂରଣ କରାଯିବ ?

----

## Post Mortem କେନ୍ଦ୍ର ଖୋଲିବା

2802 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ Naugaon Block ରେ ଗୋଟିଏ Post Mortem କେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା କରିବେ କି ?

----

## COVID ସମୟରେ ଅର୍ଥ ପ୍ରଦାନ

2803 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ପୂର୍ଣ୍ଣାଙ୍ଗ ତାଲିକା ପ୍ରଦାନ

2804 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତର କେଉଁ କେଉଁ ସ୍ଥାନରେ ଜନ କଲ୍ୟାଣ ଔଷଧ କେନ୍ଦ୍ର, ହୋମିଓପାଥି ଓ ଆୟୁର୍ବେଦିକ ଔଷଧ ଦୋକାନ ଅଛି ଏବଂ କେଉଁ ବ୍ୟକ୍ତି ବା ସଂସ୍ଥା ଦ୍ୱାରା ଏହା ସଂଚାଳିତ ହେଉଛି, ତାହାର ପୂର୍ଣ୍ଣାଙ୍ଗ ତାଲିକା ପ୍ରଦାନ କରିବେ କି ?

----

## ଅର୍ଥ ପ୍ରଦାନ

2805 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବିଗତ ୫ ବର୍ଷରେ ଅର୍ଥ ବିଭାଗ ଦ୍ୱାରା କେଉଁ କେଉଁ ସରକାରୀ ବିଭାଗକୁ କେଉଁ ବାବଦକୁ କେତେ ଅର୍ଥ ପ୍ରଦାନ କରାଯାଇଛି ଏବଂ ବର୍ତ୍ତମାନ ସୁଦ୍ଧା କେଉଁ ବିଭାଗ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି ଓ କେତେ ଅର୍ଥ ଖର୍ଚ୍ଚ ହୋଇନପାରି ଅର୍ଥ ବିଭାଗକୁ ଫେରସ୍ତ ହୋଇଅଛି ବା ସଂପୃକ୍ତ ବିଭାଗ ନିକଟରେ ପଡିରହିଛି, ତାହାର ସବିଶେଷ ବିବରଣୀ ବର୍ଷୱାରୀ ଉପସ୍ଥାପନ କରିବେ କି ?

----

## ରୋଗୀଙ୍କ ତାଲିକା ପ୍ରଦାନ

2806 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ପ୍ରତିଷ୍ଠା/ତଥା ଉଦଘାଟନ ହେବା ପରେ ଅଦ୍ୟାବଧି କେତେ ଜଣ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଅନ୍ୟ ମେଡିକାଲର ସ୍ଥାନାନ୍ତାତରୀନ୍ତ କରାଯାଇଛି ଏହାର ଏକ ତାଲିକା ସ୍ଥାନାନ୍ତରୀତ ହୋଇଥିବା ରାଗୀଙ୍କ ସଂଖ୍ୟା ମେଡିକାଲ ନାମ ଓ ବର୍ଷୱାରୀ ପ୍ରଦାନ କରିବେ କି ?

----

## ପଦବୀ ପୂରଣ

2807 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଅଦ୍ୟାବଧୀ କେତେଟି କେଉଁ କେଉଁ ପଦବୀ ଗୁଡିକ ଖାଲିଅଛି ଏବଂ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ମେଡିକାଲ ଯନ୍ତ୍ରପାତି ନାହିଁ ଜଣାଇବେ କି, ଖାଲିଥିବା ପଦବୀ ପୂରଣ ଏବଂ ଆବଶ୍ୟକ୍ୟ ମେଡିକାଲ ଯନ୍ତ୍ରପାତି କ୍ରୟ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ବିଭିନ୍ନ ଯୋଜନା ପାଇଁ ପ୍ରଦାନ କରାଯାଇଥିବା ଅର୍ଥର ପରିମାଣ

2808 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଆର୍ଥିକ ବର୍ଷ ୨୪ / ୨୫ରେ କେଉଁ ବିଭାଗରେ କେଉଁ ଯୋଜନା ପାଇଁ କେତେ ଅର୍ଥ ପ୍ରଦାନ କରାଯାଇଥିଲା ଏଯାବତ୍ ପ୍ରଦତ୍ତ ଅର୍ଥରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ଶତକଡ଼ାରେ ହିସାବ ଦେବା ସହ Dept, Scheme, ଆର୍ଥିକ ବ୍ୟୟ ବରାଦ ଓ ଖର୍ଚ୍ଚର ଏକ ତାଲିକା ପ୍ରଦାନ କରିବେ କି ?

----

## ବିଧାୟକ ମାନଙ୍କୁ Quarter Allotment

2809 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) GA Dept ଅନ୍ତର୍ଗତ କେଉଁ ବିଧାୟକଙ୍କୁ କେଉଁ ସ୍ଥାନରେ Quarter allotment ମିଳିଛି ତାହାର ସମ୍ପୂର୍ଣ ତଥ୍ୟ ଏବଂ ଏଯାବତ୍ କେଉଁ quarter ଗୁଡିକ ପୂର୍ବରୁ ରହୁଥିବା ନେତା ଅଧିକାରୀ ମାନେ ଛାଡ଼ି ନାହାଁନ୍ତି ତାହାର ତଥ୍ୟ ଓ ନଛାଡିବାର କାରଣ ଏବଂ କେବେ ଛାଡିବେ ତାହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି, (ଖ) ଅଦ୍ୟାବଧି କେଉଁ quarter ଗୁଡିକ ଖାଲି ଅଛି ଦିଆଯାଇନାହିଁ ତାହାର ଏକ ସବିଶେଷ ତଥ୍ୟ quarter address number ସହ ପ୍ରଦାନ କରିବେ କି ?

----

## ବ୍ୟାଙ୍କ ମାନଙ୍କରେ ସଂଗ୍ରହ ହୋଇଥିବା ଜମାରାଶିର ବିବରଣୀ

2810 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- କଟକ ଜିଲ୍ଲାରେ କେଉଁ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଏବଂ ସମବାୟ ବ୍ୟାଙ୍କ ବିଗତ ତିନି ବର୍ଷରେ କେତେ ଜମାରାଶି ସଂଗ୍ରହ କରିଥିବା ବେଳେ କେତେ ଋଣ ଲଗାଣ କରିଛନ୍ତି ?

----

## ନିଖୋଜ ଶିଶୁ ଉଦ୍ଧାର କାର୍ଯ୍ୟକ୍ରମ

2811 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ)ବିଗତ 5 ବର୍ଷ ମଧ୍ୟ୍ୟରେ ରାଜ୍ୟରେ କେତେ ନାବାଳକ ଓ ନାବାଳିକା ନିଖୋଜ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ଉଦ୍ଧାର ହୋଇଛନ୍ତି ପୃଥକ୍ ଭାବେ ଜିଲ୍ଲାୱାରୀ ଏହାର ସୂଚନା ଦେବେ କି, (ଖ) ନିଖୋଜ ଶିଶୁ ଉଦ୍ଧାର କରୁଥିବା ସୁକନ୍ୟା ଏବଂ ପରୀ ଯୋଜନା ଏବେ କାର୍ଯ୍ୟକରୀ ହୋଇଛି ନା ବନ୍ଦ ହୋଇଗଲାଣି ନିଖୋଜ ଶିଶୁକୁ ଉଦ୍ଧାର କରିବା ଲାଗି ଆଉ କଣ ପଦକ୍ଷେପ ମାନ ନେଉଛନ୍ତି ?

----

## କମିଟି ଗଠନ ପାଇଁ ପଦକ୍ଷେପ

2812 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- U.D. ପ୍ରଶ୍ନ ସଂଖ୍ୟା 440 dtd. 22.2.2021 ରିଖ ଉତ୍ତର ପରିପ୍ରେକ୍ଷୀରେ ବରିଷ୍ଠ ଅଧିକାରୀ ମାନଙ୍କ ଦ୍ୱାରା ଏକ କମିଟି ଗଠନ କରି ସରଜମିନ ଅନୁସନ୍ଧାନ ସେମାନଙ୍କ ଦ୍ୱାରା କରାଇ ତଥ୍ୟ ପ୍ରଦାନ କରିବାକୁ ଆଦେଶ ପ୍ରଦାନ କରିବେ କି ଏଣୁ ଏ ସମ୍ପର୍କିତ ପଦକ୍ଷେପ ଗ୍ରହଣ କରିବାକୁ ପଦକ୍ଷେପ ଗ୍ରହଣ କରିବେ କି ?

----

## କର୍ମଚାରୀ ବଦଳୀ ସମ୍ପର୍କରେ

2813 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ପୋଲିସ ର ବେତାର ସଂସ୍ଥା ର କଟକ ଏବଂ ଭୁବନେଶ୍ୱରରେ ଥିବା ବେତାର ଶାଖା କାର୍ଯ୍ୟାଳୟ ସମେତ ମୁଖ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଓ ଲାଭଜନକ ସେକ୍ସନ ଯଥା RO, Legal section, Con section, MV, Purchase, training, account section, TIB,VC Hall ଇତ୍ୟାଦି ରେ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ନିୟମିତ ବ୍ୟବଧାନରେ ବଦଳି ନ କରି ବର୍ଷ ବର୍ଷ ଧରି ଅବସ୍ଥାପିତ କରାଯିବା ଯୋଗୁଁ ସ୍ୱେଛାଚରିତା ବଢିବା, ବିଭାଗୀୟ କାର୍ଯ୍ୟ ବ୍ୟାହତ ହେବା ସହିତ ସରକାରୀ ନିୟମାବଳୀ ର ଉଲଙ୍ଘନ ହେଉଥିବା ସମ୍ପର୍କରେ ସରକାର କି ପଦକ୍ଷେପ ନେଇଛନ୍ତି ଜଣାଇବେ କି, (ଖ) ଉକ୍ତ କର୍ମଚାରିଙ୍କ ନାମ ଓ ପଦବୀ,ଷ୍ଟେସନ/ସେକ୍ସନ ର ନାମ, କେବେ ଠାରୁ ଅବସ୍ଥାପିତ ହୋଇଛନ୍ତି,ବିଭାଗରେ ନିଯୁକ୍ତି ପରଠାରୁ କେଉଁ କେଉଁ ସ୍ଥାନରେ ଥିଲେ ତାର ବିବରଣୀ ପ୍ରଦାନ କରିବେ କି, ବିଭାଗୀୟ ସ୍ୱଚ୍ଛତା, ପାରଦର୍ଶିତା ଓ ନିରପେକ୍ଷତା ପାଇଁ ଉକ୍ତ କର୍ମଚାରୀମାନଙ୍କୁ କେବେ ସୁଦ୍ଧା ବଦଳି କରିବେ ?

----

## କର୍ମଚରୀ ପଦବୀ ପୂରଣ ପାଇଁ ପଦକ୍ଷେପ

2814 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- 2013 ପୂର୍ବରୁ ରାଜ୍ୟରେ ଜିଲ୍ଲାଭିତ୍ତିକ C ଓ D ପଦବୀ ନିଯୁକ୍ତି ଚାଲୁଥିବା ଓ ବନ୍ଦ ହେବା ହେତୁ ଅଭିଭକ୍ତ କୋରାପୁଟ ଜିଲ୍ଲାରେ ବେକାର ଯୁବକ ଓ ଯୁବତୀ ସଂଖ୍ୟା ବଢୁଥିବା ବହୁବାର ରାସ୍ତା ଅବରୋଧ ଓ ବିଭିନ୍ନ ଦାବୀ କରୁଥିବା ସତ୍ତେ ପୁନଃ ଜିଲ୍ଲା ସ୍ତରୀୟ C ଓ D ପଦବୀ ପୂରଣ ପାଇଁ କି ପଦକ୍ଷେପ ନେଉଛନ୍ତି ?

----

## Covid Quarantine କେନ୍ଦ୍ର ପାଇଁ ମଞ୍ଜୁର ହୋଇଥିବା ଅର୍ଥ ପରିମାଣ

2815 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## ୟୁନିଟ-2 ଅଞ୍ଚଳରେ କ୍ୱାଟର ଆବଣ୍ଟନ

2816 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ୟୁନିଟ-2 ଅଞ୍ଚଳରେ ବିଭିନ୍ନ ଟାଇପ୍ କ୍ୱାଟର ମାନ କିଛି ବର୍ଷ ହେବ କୌଣସି ଆବଣ୍ଟନ / ମରାମତି କରାଯାଉ ନାହିଁ ଏହା କଣ ଆବଣ୍ଟନ କରାଯିବ ଘର ମରାମତି କରାଯିବାପରେ ବଣ୍ଟନ ହେବ କି ସରକାରଙ୍କ ୟୁନିଟ୍ - 2 ସରକାରୀ କ୍ୱାଟର ସ୍ଥାନରେ କଣ ସରକାରୀ କାର୍ଯ୍ୟ /ଅନୁଷ୍ଠାନ କରିବାର ଅଛି ?

----

## ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ନାମଲେଖା ଓ ଶିକ୍ଷାଦାନ ଆରମ୍ଭ

2817 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) MCL ସହାୟତାରେ ତାଳଚେର ଠାରେ ଆରମ୍ଭ ହୋଇଥିବା ପରିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ କେବେ ସୁଦ୍ଧା ନାମ ଲେଖା ଓ ଶିକ୍ଷାଦାନ ଆରମ୍ଭ ହେବ, (ଖ) କେବେ ସୁଦ୍ଧା ପବିତ୍ର ମୋହନ ପ୍ରଧାନ ସରକାରୀ ଚିକିତ୍ସାଳୟରେ ଖାଲିଥିବା ବିଭାଗୀୟ ବିଶଷଜ୍ଞ ଡାକ୍ତର ପଦବୀ ପୁରଣ କରାଯିବ ?

----

## ଜେଲ ମାନୁଆଲ ସଂସ୍କରଣ

2818 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଦୀର୍ଘ ସମୟରେ ଜେଲ୍ ମାନୁଓ୍ୱାଲ ନୂତନ ସଂସ୍କରଣ ତିଆରୀ ନହେବାର କାରଣ କଣ ଗତ ୩ ବର୍ଷ ଜେଲ ମଧ୍ୟରେ କେତେଜଣ ବନ୍ଦୀ ମରିଛନ୍ତି କୌଣସି ଘଟଣାର ତଦନ୍ତ ହୋଇଛି କି ଜେଲ ସଂସ୍କାର ଉପରେ ସରକାର କଣ ନିଷ୍ପତ୍ତି ନେଇଛନ୍ତି ଜେଲର ଅନ୍ତେବାସୀଙ୍କୁ କେଉଁମାନେ ସାକ୍ଷାତ କରିପାରିବେ ସପ୍ତାହକୁ କେତେଥର କୌଣସି ଗାଇଡଲାଇନ ଥିଲେ ତଥ୍ୟ ଦେବେ କି କାଚ ମଧ୍ୟରେ ରହି ପରିବାର କିମ୍ବା ନିଜ ଓକିଲ ସାକ୍ଷାତ କରିବା ନିୟମ କେବେ ଲାଗୁ ହେଲା ଏହାକୁ ବାତିଲ କରିବେ କି ଜେଲ ମଧ୍ୟରେ ଶୟନ କକ୍ଷରେ କେଉଁ ଜେଲ ମଧ୍ୟରେ କ୍ୟାମେରା ଲାଗିଛି ଜଣାଇବା ସହି ଏହି ଅମାନବୀୟ ନିୟମ କେବେଠାରୁ ପ୍ରଚଳନ ହେଲା ଏହା ବନ୍ଦ କରିବେ କି ?

----

## CHC ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ ପଦବୀ ପୂରଣ

2819 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚିକିଟି ନିର୍ବାଚନ ମଣ୍ଡଳୀର ଚିକିଟି ଓ ପାତ୍ରପୁର ଠାରେ ଥିବା CHC ରେ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ ପଦବୀ ଖାଲି ପଡିଥିବା ସରକାର ଅବଗତ ଅଛନ୍ତି କି ଯଦି ଅଛନ୍ତି ତାହେଲେ ଉକ୍ତ ପଦବୀଗୁଡିକ ପୂରଣ କରିବାପାଇଁ ତୁରନ୍ତ ପଦକ୍ଷେପ ନେବେ କି ଏଥିସହିତ CHC ଗିରିସୋଲା ଠାରେ ମଧ୍ୟ ଆବଶ୍ୟକୀୟ ଭିତ୍ତିଭୂମି ତଥା ପିଇବା ପାଣିର ସୁବିଧା ଡାକ୍ତର ପଦବୀ Paramedical Staff ପଦବୀ ଖାଲିଥିବା ଓ Staff Quarter ର ସୁବିଧା ନଥିବା ଯୋଗୁଁ ଏଗୁଡିକର ସ୍ଥାୟୀ ସମାଧାନ ନିମନ୍ତେ ଧ୍ୟାନ ଦେବେ କି ?

----

## ରୋଗୀ ଶଯ୍ୟା ଓ ଅନ୍ୟାନ୍ୟ ଭିତ୍ତିଭୂମିର ସ୍ଥାୟୀ ସମାଧାନ

2820 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସରଗିପାଲି ରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କେତେ ବର୍ଷ ହେଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନିତ ହୋଇଛି ନିୟମ ଅନୁସାରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୦ ଗୋଟି ରୋଗୀ ଶଯ୍ୟା ର ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ୧୦ ଟି ରୋଗୀ ଶଯ୍ୟା ଅଛି ଏଣୁ ରୋଗୀ ଶଯ୍ୟା ଓ ଅନ୍ୟାନ୍ୟ ଭିତ୍ତିଭୂମି ର ସ୍ଥାୟୀ ସମାଧାନ ପାଇଁ ଏକ ନିର୍ଦ୍ଧିଷ୍ଟ ସମୟସୀମା ନିର୍ଦ୍ଧାରଣ କରି ସମସ୍ତ ସମସ୍ୟା ର ସମାଧାନ କରିବେ କି ?

----

## ଅସ୍ଥି ଶଲ୍ୟ ଚିକିତ୍ସା

2821 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ମେଡିକାଲ କଲେଜ ମାନଙ୍କରେ କେଉଁ ବିଭାଗର କେତେ ଶଯ୍ୟା କେବେଠାରୁ ରହିଛି କେଉଁ ମେଡିକାଲ କଲେଜ ଓ ହସପିଟାଲରେ ବିଗତ 3 ବର୍ଷ ମଧ୍ୟରେ କେଉଁ କେଉଁ ବିଭାଗରେ OPD ଓ IPD (ଆଇପିଡି) ରେ ଚିକିତ୍ସିତ ହୋଇଛନ୍ତି ତାର ବର୍ଷୱାରି ଓ ମେଡିକାଲ କଲେଜ ୱାରି ତଥ୍ୟ ପ୍ରଦାନ କରିବେ କି କେଉଁ ମେଡିକାଲ  କଲେଜରେ 2022-23 ବର୍ଷରୁ 2024 ଅକ୍ଟୋବର ମାସ ମଧ୍ୟରେ କେତେ ରୋଗୀ ଆସ୍ଥିଶଲ୍ୟ ଶଲ୍ୟ ଚିକିତ୍ସା ବିଭାଗରେ ଭର୍ତ୍ତି ହୋଇ ଥିଲେ ଓ କେତେ ରୋଗୀକୁ ଅସ୍ତ୍ରୋପଚାର କରାଯାଇଛି ତାର ମାସୱାରୀ ରିପୋର୍ଟ ଦେବେ କି ?

----

## କ୍ୱାଟର୍ସ ନିର୍ମାଣ

2822 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖଣ୍ଡପଡା ଓ ଭାପୁର ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର କର୍ମଚାରୀ ମାନଙ୍କୁ ଆବଶ୍ୟକ କ୍ୱାଟର୍ସ ଦିଆଯାଇଛି କି ସ୍ୱାସ୍ଥ୍ୟସେବା କୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ କ୍ୱାଟର୍ସ ନିର୍ମାଣ ଓ ମରାମତି ପାଇଁ ପଦକ୍ଷେପ ନେବେ କି ?

----